**ବିଦ୍ୟୁତ୍ ବିଚ୍ଛିନ୍ନକୁ ନେଇ ଉତ୍ତେଜନା**

ଆନନ୍ଦପୁର,(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ବାଉଁଶ ପଶ୍ଚାତର ମାର୍କେଟ କମ୍ପ୍ଲେକ୍ସରୁ ବିଦ୍ୟୁତ୍ ବିଚ୍ଛିନ୍ନ କରିବାକୁ ନେଇ ଉତ୍ତେଜନା ଦେଖାଯାଇଥିଲା। ସ୍ଥାନୀୟ ଲୋକେ ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ରଖିଥିଲେ। ବିଦ୍ୟୁତ୍ ସଂଯୋଗ ପରେ ସ୍ଥାନୀୟ ଲୋକେ ସେମାନଙ୍କୁ ଛାଡ଼ିଦେଇଥିଲେ।

କେନ୍ଦୁଝର

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାଗ୍ରସ୍ତ, ୧ ମୃତ

ଢେଙ୍କିକୋଟ,୨୯।୩(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ ହାଉସ ଅନ୍ତର୍ଗତ ପିପିଳିଆ ପଞ୍ଚାୟତ ଜାତୀୟ ରାଜପଥ ପିପିଳିଆ କଲେଜ ନିକଟରେ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଚିକିଣିଆ ଗ୍ରାମର ହରେକୃଷ୍ଣ ନାଏକ(୩୫) ଓ ଗୁରୁତର ଜଣଙ୍କ ମୋହନ ନାଏକ(୩୦) ବୋଲି ଜଣାପଡ଼ିଛି। ଉଭୟ ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ବାଇକ ଯୋଗେ ପିପିଳିଆ ଯାଉଥିବା ବେଳେ କଲେଜ ଛକ ନିକଟରେ ଡିଭାଇଡରକୁ ଧକ୍କା ଦେଇଥିଲା। ଦୁହେଁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ୨ ଜଣଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତର ହରେକୃଷ୍ଣଙ୍କୁ ମୃତ ଘୋଷଣା କରିଥିବା ବେଳେ ମୋହନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଗାଁ ଥାନାରେ ଏକ ମାମଲା (ନଂ. ନଂ. ୧୫୦/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଟଣା,୨୯।୩(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିନବନ୍ଧୁ ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁଧାଂଶୁ ନାଏକ, ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ଅକ୍ଷୟ ନାରାୟଣ ମିଶ୍ର, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧରଣୀଧର ଦାସ, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ତୃପ୍ତି ରଞ୍ଜନ ସିଂ, ସମିତି ସଭ୍ୟ ଅବନୀ ନାଏକ, ସିଆରସିସି ଜ୍ୟୋତିରଂଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଭୀମ ସେନ ପାତ୍ର ଧନ୍ୟବାଦ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# କାମ କରୁନି ଇ-କଲେକ୍ଟୋରିଏଟ୍

## ଉଦ୍‌ଘାଟନର ଦେଢ଼ବର୍ଷ ପରେ ଅଚଳ

କେନ୍ଦୁଝର,୨୯।୩(ଦୀପକ ମିଶ୍ର)

ଡିଜିଟାଇଜେଶନକୁ ସରକାର ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ବହୁ ପୂର୍ବରୁ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟରେ ଫାଇଲ କାରବାରକୁ ଡିଜିଟାଇଜ୍‌ଡ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଇ-କଲେକ୍ଟୋରିଏଟ୍ ବ୍ୟବସ୍ଥା ଆଉ କାମ କରୁନାହିଁ। ଯେଉଁ ମହତ ଉଦ୍ଦେଶ୍ୟ ନେଇ ନୂଆ ବ୍ୟବସ୍ଥାଟି ଆରମ୍ଭ ହୋଇଥିଲା, ତାହା ଅଚଳ ହୋଇଯିବା ଯୋଗୁ ଜନତାଙ୍କ ସେବା ବାଧାପ୍ରାପ୍ତ ହୋଇଛି।

ପ୍ରକାଶ ଯେ, ତତ୍କାଳୀନ ଜିଲାପାଳ ଡିଭି ସ୍ୱାମୀ ଇ-କଲେକ୍ଟୋରିଏଟ୍ ଆରମ୍ଭକରି ୨୦୧୨ ଏପ୍ରିଲ ୫ରେ ଲୋକାର୍ପିତ କରିଥିଲେ। ସେ ସମୟରେ ୮୦ଟି ଅତ୍ୟାଧୁନିକ କମ୍ପ୍ୟୁଟର ଏବଂ ୪୦ଟି ସ୍କାନର ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ୮ ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ଏହାକୁ ଜେଏସ୍‌ପିଏଲ୍ ମଧ୍ୟ ନିଜର ସିଏସ୍‌ଆର୍ ବ୍ୟବସ୍ଥାରେ ଆର୍ଥିକ ସହଯୋଗ କରୁଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜିଲାପାଳଙ୍କ ଅଫିସ ମଧ୍ୟରେ ଯେଉଁ ଚିଠି ବା ଅଭିଯୋଗର ବିଭିନ୍ନ ବିଭାଗୀୟ ଅନୁମୋଦନ ଆବଶ୍ୟକ ତାହା ଏହି ବ୍ୟବସ୍ଥାରେ ହେବ। ଅର୍ଥାତ୍ ଚିଠିକୁ ସ୍କାନ୍‌କରି ନିର୍ଦ୍ଦିଷ୍ଟ ବ୍ୟବସ୍ଥାରେ ଅପ୍‌ଲୋଡ୍ କଲେ ତାହା ଜିଲାପାଳଙ୍କ ପାଖରେ ପହଞ୍ଚିବ। ଜିଲାପାଳ ତାହାକୁ ଅନୁମୋଦନକରି ସେଇ ନିର୍ଦ୍ଦିଷ୍ଟ ବ୍ୟବସ୍ଥାରେ ଅପ୍‌ଲୋଡ୍ କରି ଦେଲେ ତାହା ସେହି ବିଭାଗକୁ ଫେରିଯିବ। ଖାଲି ସେତିକି ନୁହେଁ, ଯଦି କେହି ଅଭିଯୋଗକାରୀ ନିର୍ଦ୍ଦିଷ୍ଟ ଅଭିଯୋଗ କଲେ ବି ଏହି ବ୍ୟବସ୍ଥାରେ ତାହା ସମ୍ପୃକ୍ତ ଅଧିକାରୀଙ୍କ ପାଖରେ ପହଞ୍ଚିବାର ବ୍ୟବସ୍ଥା ହୋଇଥିଲା। ଏହା କାର୍ଯ୍ୟକାରୀ ହୋଇଥିଲେ ଅଭିଯୋଗକାରୀ ଓ ଜିଲାପାଳ ଅଭିଯୋଗପତ୍ରଟି କେଉଁ ଅଧିକାରୀଙ୍କ ପାଖରେ ଅଟକିଛି ଜାଣିପାରିଥାନ୍ତେ। ଇ-କଲେକ୍ଟୋରିଏଟ ଆରମ୍ଭ ହେବାର ମାତ୍ର ଦେଢ଼ମାସ ପରେ ସର୍ଭର ଖରାପ ହୋଇଯାଇଥିଲା। ପୁଣି ଯେଉଁ ପୁରୁଣା ବ୍ୟବସ୍ଥା ଥିଲା, ସେଇ ପୁରୁଣା ବ୍ୟବସ୍ଥାରେ କାମ ଆରମ୍ଭ ହେଲା। ଦୀର୍ଘ ୪ ବର୍ଷ ପରେ ପୁଣି ଥରେ ସର୍ଭର ସଜାଡ଼ିବା ପାଇଁ ଜେଏସ୍‌ପିଏଲ୍ ୮.୫ ଲକ୍ଷ ଟଙ୍କାର ବ୍ୟବସ୍ଥା କରିଥିଲା। କିନ୍ତୁ ସର୍ଭର କାମ କରି ନ ଥିଲା ; ଯେଉଁଥିପାଇଁ ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଅକାମୀ ହୋଇପଡ଼ିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ମନ୍ଦରଧର ମାହାଳିକ କହିଛନ୍ତି, ଡିଜିଟାଇଜେଶନ ବ୍ୟବସ୍ଥା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଖୁବ୍‌ଶୀଘ୍ର ଆରମ୍ଭ ହେବ।

# ରମେଶ ସଭାପତି, ବିଷ୍ଣୁଚରଣ ଉପ ସଭାପତି

## ଚମ୍ପୁଆ ବାର୍ ଆସୋସିଏଶନ ନିର୍ବାଚନ

ଚମ୍ପୁଆ,୨୯।୩
(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ କ୍ରିମିନାଲ ଆଣ୍ଡ ସିଭିଲ କୋର୍ଟ ବାର ଆସୋସିଏଶନ ନିର୍ବାଚନ ଶନିବାର ଶେଷ ହୋଇଛି। ସଭାପତି ଓ ଉପସଭାପତି ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ରମେଶ ଚନ୍ଦ୍ର ପ୍ରଧାନ ସଭାପତି ଭାବେ ବିଜୟ ହୋଇଛନ୍ତି। ଉପ ସଭାପତି ଭାବେ ବିଷ୍ଣୁ ଚରଣ ରାଠୋର ବିଜୟ ହୋଇଥିବା ବେଳେ ସମ୍ପାଦକ ଭାବେ ବିଜୟ ପ୍ରଧାନ ଓ ସହ-ସମ୍ପାଦକ ପଦରେ ନାଗେଶ୍ୱର ମହାନ୍ତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।


ସଭାପତି ରମେଶ ଚନ୍ଦ୍ର ପ୍ରଧାନ ଓ ଉପସଭାପତି ବିଷ୍ଣୁ ଚରଣ ରାଠୋର।

ନିର୍ବାଚନ ଅଧିକାରୀ ଭାବେ ତାପସ କୁମାର ମିଶ୍ର ପରିଚାଳନା କରିଥିଲେ।

# ଆଲୋକ ସଭାପତି, ଅକ୍ଷୟ ସମ୍ପାଦକ ନିର୍ବାଚିତ

## ଜିଲା ଓକିଲ ସଂଘ ନିର୍ବାଚନ


ନିର୍ବାଚିତ କର୍ମକର୍ତ୍ତାମାନେ।

କେନ୍ଦୁଝର,୨୯।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ମହକୁମାଠାରେ ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଶେଷ ହୋଇଛି। ମୋଟ ୪୨୯ ଜଣ ସଦସ୍ୟ ମତଦାନ କରିଥିବା ବେଳେ ସଭାପତି ଭାବେ ଆଲୋକ ମହାନ୍ତ କ୍ରମାଗତ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ଉପ ସଭାପତି ଭାବେ ଭାରତ ଭୂଷଣ ଦାସ, ସମ୍ପାଦକ ଭାବେ ଅକ୍ଷୟ ଜେନା, ୨ ଯୁଗ୍ମ ସମ୍ପାଦକ ପଦବୀରେ ତାରିଣୀ ପ୍ରସାଦ ପୋଥାଳ, ହୁସେନ ଉଦ୍ଦିନ, ୫ କାର୍ଯ୍ୟକାରୀ ସଦସ୍ୟ ଭାବେ ଦିବ୍ୟରଞ୍ଜନ ସାହୁ, ଶାନ୍ତିଲତା ମହାରଣା, ଅର୍ଚ୍ଚନା ଦାଶ, ସୁବ୍ରତ କୁମାର ସେଠୀ ଓ ହଳଧର ମହାନ୍ତ ବିଜୟ ଲାଭ କରିଛନ୍ତି। ନିର୍ବାଚନ ଅଧିକାରୀ ଅଜୟ ନାଥ ଓ ସହ ନିର୍ବାଚନ ଅଧିକାରୀ ଜ୍ଞାନେନ୍ଦ୍ରନାଥ ଜେନା, ହିମାଂଶୁ ଶେଖର ମହାନ୍ତି, ଅର୍ଜୁନ ସାହୁ, ମନୋଜ ବେହେରା, ଦେବାଶିଷ ରଣା, ବସନ୍ତ ବେହେରା, ସଞ୍ଜୟ ଶତପଥି, ସୁମନ୍ତ ସାହୁ, ପ୍ରଶାନ୍ତ ଜେନା, କରୁଣାକର ବ୍ରହ୍ମ ପ୍ରମୁଖ ପରିଚାଳନା କରିଥିଲେ।

# ୨୪ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ଛେନାପଦି,୨୯।୩(ନିରାକାର ପରିଡା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବାର୍ଷିକ ବିଜ୍ଞାନ ମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଡିପ୍ଲୋମା ଇନ୍ ଫାର୍ମାସୀ ରବିନ୍ଦ୍ର ଜେନା ଏବଂ ସମ୍ମାନିତ ଅତିଥିଭାବେ ଅନିତା ଓଝା ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଉଦୟନାଥ କର ସଭା ପରିଚାଳନା କରିଥିଲେ। ବିଜ୍ଞାନ ମେଳାରେ ୨୪ଟି ବିଜ୍ଞାନ ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପାଧ୍ୟକ୍ଷ ଗୋଲକ ବିହାରୀ ସାହୁ ଏବଂ ବରିଷ୍ଠ ଶିକ୍ଷକ ସଞ୍ଜୀୟ ମଜୁମ୍‌ଦାର୍ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯଥା ପାର୍ଥ ସାରଥୀ ଜେନା, ବିଜୟ ପହି, ଦେବେନ୍ଦ୍ରନାଥ ପାଢ଼ୀ, ଦୟାନିଧି ଚିନରା, ପ୍ରଶାନ୍ତ ଦାସ, ହିମାଂଶୁ ରଞ୍ଜନ ବାରିକ, ବ୍ରହ୍ମାନନ୍ଦ ମଲ୍ଲିକ, ସଂଗ୍ରାମ କେଶରୀ ପଟ୍ଟନାୟକ, ଦେବାଶିଷ ରାଉତ, ଚନ୍ଦ୍ରଶେଖର ବାରିକ, ତନୁଶ୍ରୀ ତନୟା ପହି, କାବେରୀ ନାୟକ, ଉର୍ମୀ ମହାନ୍ତି, ଉର୍ମିଳା ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ସୂର୍ଯ୍ୟକାନ୍ତ ସଭାପତି, ପ୍ରଦୀପ ସମ୍ପାଦକ ନିର୍ବାଚିତ

## ବଡ଼ବିଲ ବାର୍ ଆସୋସିଏଶନ ନିର୍ବାଚନ


ବଡ଼ବିଲ ବାର୍ ଆସୋସିଏଶନର ନବ ନିର୍ବାଚିତ ସଭାପତି, ଉପ ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଏବଂ କୋଷାଧ୍ୟକ୍ଷ।

ବଡ଼ବିଲ,୨୯।୩
(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ବାର ଆସୋସିଏଶନ ନିର୍ବାଚନ ଶନିବାର ଶେଷ ହୋଇଛି। ସଭାପତିଭାବେ ସଭାପତି ସୂର୍ଯ୍ୟକାନ୍ତ ତ୍ରିପାଠୀ, ଉପସଭାପତି ବଳରାମ ମହାନ୍ତି, ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ଓ କୋଷାଧ୍ୟକ୍ଷ ଭାବେ ମିହିର କୁମାର ନାମତୋଆର ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ରମେଶ ଚନ୍ଦ୍ର କାରୁଆ ବିଜୟୀ ହୋଇଛନ୍ତି।

# ଲୁହାପଥର ଜବତ ଘଟଣାରେ ୨ ଗିରଫ

ବଡ଼ବିଲ,୨୯।୩(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ପୋଲିସ ମାର୍ଚ୍ଚ ୧୯ ସନ୍ଧ୍ୟାରେ ସୟାବାଲି-ରାଇକା ଗ୍ରାମ ରାସ୍ତାରୁ ଏକ ଲୁହାପଥର ବୋଝେଇ ଟ୍ରକ୍ ଜବତ କରିଥିଲା। ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ୯ ଦିନ ପରେ ଅର୍ଥାତ ଶୁକ୍ରବାର ରାତିରେ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ବଡ଼ବିଲ ପାଲ ହଟିଂ ଅଞ୍ଚଳର କନ୍ଦା ଲୋହାର ଏବଂ ସାନ୍ତବାହାଲ ଗ୍ରାମର ସାମନ୍ତ ଶେଖର ମହାନ୍ତ।

ସୂଚନା ଅନୁଯାୟୀ, ପୋଲିସ ଗତ ୧୯ ତାରିଖରେ ସୟାବାଲି- ରାଇକା ରାସ୍ତା ଦେଇ ଚୋରା ଲୁହାପଥର ବୋଝେଇ ଟ୍ରକ୍ ଚାଲାଣ ହେଉଥିବା ଖବର ପାଇଥିଲା। ପୋଲିସ ପହଞ୍ଚିବା ବେଳକୁ ଦୁର୍ବୃତ୍ତ ଟ୍ରକ୍ ଛାଡ଼ି ଫେରାର ହୋଇଯାଇଥିଲେ। ବଡ଼ବିଲ ଥାନାରେ ଏକ ମାମଲା(ନଂ.୬୨/୨୦୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଗତ ୨୧ ରେ ରାଇକା ଅଞ୍ଚଳର ୩ ଜଣଙ୍କୁ ଗିରଫ କରିଥିବା ବେଳେ ଶୁକ୍ରବାର ୨ ଜଣଙ୍କୁ କୋର୍ଟଚାଲାଣ କରିଛି।

# ଗୋଟିଏ ଘରୁ ୫ ମୋବାଇଲ ଚୋରି

ଆନନ୍ଦପୁର,୨୯।୩(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ବିରିଡ଼ିହା ଗ୍ରାମରୁ ଏକ ଘରୁ ୫ ମୋବାଇଲ ଚୋରି ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ଅକ୍ଷୟ ସାହୁଙ୍କ (୩୬)ଘରେ ଠାକୁରମୁଣ୍ଡା ଅଞ୍ଚଳର କିଛି କଲେଜ ଛାତ୍ର ଭଡ଼ାରେ ରହୁଛନ୍ତି। ଗତ ୧୯ ତାରିଖ ରାତିରେ ଛାତ୍ରମାନେ ଶୋଇଥିବା ବେଳେ ଦୁର୍ବୃତ୍ତ ଏହାର ସୁଯୋଗ ନେଇ ୫ ଛାତ୍ରଙ୍କ ୫ ମୋବାଇଲ ନେଇଯାଇଥିଲେ। ମୋବାଇଲ ମିଳିଯିବ କହି ଥାନାରେ ମାମଲା ହୋଇ ନ ଥିବା ବେଳେ ଶୁକ୍ରବାର ଘର ମାଲିକ ଅକ୍ଷୟ ଅଭିଯୋଗ କରିବା ପରେ ଶନିବାର ପୋଲିସ ବିରିଡିହା ଗ୍ରାମକୁ ଆସି ତଦନ୍ତ କରିଛି।

ମୟୂରଭଞ୍ଜ

### ବାଇକ୍ ଦୁର୍ଘଟଣାରେ ମହିଳା ମୃତ

ମୋରଡ଼ା,୨୯।୩(ସ୍ୱାରକ ମାଝୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଚିତ୍ରଡ଼ା ଫାଣ୍ଡି ଅଞ୍ଚଳରେ ଶନିବାର ସକାଳେ ବାଇକ୍ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ବଇଁଚିଡ଼ିହା ଗ୍ରାମର ମୀନତି ରାଉଳ(୪୨)। ସୂଚନା ଅନୁଯାୟୀ, ମୀନତି ସକାଳ ପ୍ରାୟ ୯ଟା ୩୦ ବେଳେ ଚିତ୍ରଡ଼ାସ୍ଥିତ ଭୈରବୀ ମନ୍ଦିରରୁ ପୂଜା ସାରି ପାଟପୁର ଗ୍ରାମର ସମ୍ପର୍କୀୟ ପଦ୍ମଲୋଚନ ବାରିକଙ୍କ ସହ ବାଇକ୍‌ରେ ନିଜ ଘରକୁ ଫେରୁଥିଲେ। ବଇଁଚିଡ଼ିହା ଛକ ନିକଟରେ ବାଇକ୍ ସାମ୍ନାକୁ ହଠାତ୍ ଏକ ବଳଦ ଚାଲି ଆସିବାରୁ ପଦ୍ମଲୋଚନ ଭାରସାମ୍ୟ ହରାଇବା ଫଳରେ ସେମାନେ ତଳେ ପଡ଼ି ଗୁରୁତର ହୋଇଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୀନତିଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୮୬/୨୫) ରୁଜୁ କରାଯାଇଛି।

### ଅକ୍ଷୟ ସଭାପତି, ମନୋଜ ସମ୍ପାଦକ

ରାଇରଙ୍ଗପୁର,୨୯।୩(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଅକ୍ଷୟ କୁମାର ମହାନ୍ତି ଓ ସମ୍ପାଦକ ଭାବେ ମନୋଜ ଦାସ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ମାଥା ମୁର୍ମୁ, ସହ ସମ୍ପାଦକ କିଶୋର ଚନ୍ଦ୍ର ମହାନ୍ତ, ଯୁଗ୍ମ ସମ୍ପାଦକ ନନ୍ଦ ରାଣୀ ହେମ୍ବ୍ରମ, ସମ୍ପାଦକ (ଲାଇବ୍ରେରୀ) ପୂର୍ଣ୍ଣଚନ୍ଦ୍ର ମହାନ୍ତ ଏବଂ କୋଷାଧ୍ୟକ୍ଷ ଭାବେ ଶିଶୁପଦ ମହାନ୍ତ ଜିତିଛନ୍ତି। କାର୍ଯ୍ୟକାରୀ ସଦସ୍ୟ ପଦବୀରେ ୧୦ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ସୁବ୍ରତ ପ୍ରସନ୍ନ ଦାସ ନିର୍ବାଚନ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ

## ଅଂଶୁଘାତ ମୁକାବିଲା ସମୀକ୍ଷା ବୈଠକ

ବାରିପଦା,୨୯/୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାକୁ ପ୍ରଚଣ୍ଡ ତାତିର ପ୍ରକୋପ ରେକର୍ଡ ଭୁକ୍ତ ରହିଛି। ଏହାକୁ ନେଇ ବାରିପଦା ଜିଲାପାଳଙ୍କ ଓସ୍ୱାନ ହଲଠାରେ ଶନିବାର ପୂର୍ବାହ୍ନ ୧୧ଟାରେ ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅଧ୍ୟକ୍ଷ ହେମକାନ୍ତ ସୟ ଅଧ୍ୟକ୍ଷତା କରି ଗ୍ରୀଷ୍ମ ପ୍ରବାହରେ ଯେପରି ଜନଜୀବନ ପ୍ରଭାବିତ ନ ହୁଏ ସେଥି ପାଇଁ ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ଶ୍ରମ, ପରିବହନ, ପ୍ରାଣୀ ସମ୍ପଦ ଓ କୃଷି କ୍ଷେତ୍ରରେ ଆବଶ୍ୟକ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦେଇଥିଲେ।

ଏସ୍‌ଆରସି ଏବଂ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ହୋଇଥିବା ପଦକ୍ଷେପ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅଧିକରୁ ଅଧିକ ଜଳଛତ୍ର ଖୋଲିବା ସହ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍ ପ୍ୟାକେଟ୍ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମାଞ୍ଚଳରେ ଅଚଳ ନଳକୂପ କାର୍ଯ୍ୟକ୍ଷମ କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ଗ୍ରାମ୍ୟ ଜଳ ଯୋଗାଣ ଓ ବ୍ଲକ୍ କର୍ତ୍ତୃପକ୍ଷ ମିଳିତଭାବେ ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ଜିଲାର ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ପାଇପ୍ ଜଳ ଯୋଗାଣ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳକ୍ଲିଷ୍ଟ ଅଞ୍ଚଳ ଚିହ୍ନଟ କରି ଲୋକଙ୍କୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦେବା ପାଇଁ ସ୍ଥିର ହୋଇଥିଲା। ଆବଶ୍ୟକସ୍ଥଳେ ୧୧ ଟା ପରେ ଅପରାହ୍ନ ୩ ଟା ମଧ୍ୟରେ କେବଳ ଶୀତତାପ ନିୟନ୍ତ୍ରିତ (ଏସି) ବସ ବ୍ୟତିତ ସାଧାରଣ ବସ ଚଳାଚଳକୁ ବନ୍ଦ ରଖିବା ପାଇଁ ଆରଟିଓ, ଏଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତ ଲକ୍ଷଣ ଦେଖା ଦେଲେ ତୁରନ୍ତ ଚିକିତ୍ସିତ ହେବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ଗୃହପାଳିତଙ୍କୁ ଖରାରେ ବାହାରକୁ ନ ଛାଡ଼ିବା ପରାମର୍ଶ ଦେଇଛନ୍ତି। ଅଙ୍ଗନବାଡି କେନ୍ଦ୍ର ସକାଳ ୭ଟାରୁ ୯ଟା ମଧ୍ୟରେ ଖୋଲିବା ସହିତ ପିଇବା ପାଣି, ଓଆରଏସ ପ୍ୟାକେଟ ଓ ଫାଷ୍ଟଏଡ଼ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶନାମାର ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜିଲା ଓ ବ୍ଲକ୍ ପ୍ରଶାସନର ଅଧିକାରୀମାନେ ସାମିଲ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଲମ୍ବୋଦର ସଭାପତି, ବସନ୍ତ ସମ୍ପାଦକ

## ଉଦଳା ବାର୍ ଆସୋସିଏଶନ ନିର୍ବାଚନ

ଉଦଳା,୨୯।୩(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା ଉଦଳା ବାର ଆସୋସିଏଶନର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। କେବଳ ସମ୍ପାଦକ ପଦବୀ ପାଇଁ ଭୋଟ ପଡ଼ିଥିବା ବେଳେ ଅନ୍ୟ ସମସ୍ତ ପଦବୀରେ ପ୍ରତିନିଧି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସକାଳ ୭ ଟାରୁ ଦିନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଥିଲା। ସମ୍ପାଦକ ପଦବୀରେ ଆଇନଜୀବୀ ବସନ୍ତ କୁମାର ପରିଡା ଏବଂ ପ୍ରଭୁପଦ ପରିଡାଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ସମୁଦାୟ ୬୮ ଜଣ ଭୋଟ ମଧ୍ୟରୁ ୬ ଖଣ୍ଡ ଭୋଟ ନାକଚ ହୋଇଥିଲା। ବସନ୍ତ ୪୯ ଗୋଟି ପାଇଥିବା ବେଳେ ପ୍ରଭୁପଦ ୧୩ ଖଣ୍ଡ ଭୋଟ ପାଇଥିଲେ। ୩୬ ଖଣ୍ଡ ଭୋଟରେ ବସନ୍ତ ପରିଡ଼ା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଭୁପଦ ପରିଡ଼ାଙ୍କୁ ପରାସ୍ତ କରି ସମ୍ପାଦକ ପଦ ହାତେଇଥିଲେ। ଅନ୍ୟପଟେ ସଭାପତି ଭାବେ ଲମ୍ବୋଦର ବେହେରା, ଉପ ସଭାପତି ମନୋଜ ଦାସ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ଜେନା, କୋଷାଧ୍ୟକ୍ଷ ଦିଲ୍ଲୀପ ବାସ୍କେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାଯାଇଛି। କାର୍ଯ୍ୟନିର୍ବାହୀ କମିଟି ସଦସ୍ୟଭାବେ ରତିକାନ୍ତ ସାହୁ, ରାଜକିଶୋର ହେମ୍ବ୍ରମ, ରବୀନ୍ଦ୍ର ନାଥ ସାହୁ ଏବଂ ଦିଲ୍ଲୀପ କୁମାର ପରିଡ଼ା ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଅରୁଣ ବାରିକ ଏବଂ ରବୀନ୍ଦ୍ର କୁମାର ଜେନା ନିର୍ବାଚନ ପରିଚାଳନା କରିଥିଲେ। ସେହିପରି ଉପଖଣ୍ଡ ବାର ଆସୋସିଏଶନରରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ପଦ୍ମଲୋଚନ ଦାସ, ଉପ ସଭାପତି ସରୋଜ ରଞ୍ଜନ ବେହେରା, ସମ୍ପାଦକ ରଜତ କୁମାର ମହାପାତ୍ର, ସହ ସମ୍ପାଦକ ପ୍ରଦୀପ କୁମାର ସାହୁ, ଲାଇବ୍ରେରୀ ସମ୍ପାଦକ ଶାଶ୍ୱତ ତ୍ରିପାଠୀ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ କର, କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବେ ସତ୍ୟବ୍ରତ ମିଶ୍ର, ରତିକାନ୍ତ ବେହେରା, ସ୍ନେହଲତା ଦଳେଇ, ବୃନ୍ଦା ମୁର୍ମୁ, ଆରତୀ ସୋରେନଙ୍କୁ ଚୟନ କରାଯାଇଛି।


ନିର୍ବାଚତ କର୍ମକର୍ତ୍ତା।

# ହାତୀ ଆକ୍ରମଣରେ ଜଣେ ମୃତ, ୩ ଆହତ

ବୈଶିଙ୍ଗା, ୨୯।୩ (ରତନ ଦାଶ): ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ୍ ତଥା ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ଦନ୍ତାହାତୀ ପଶି ଏକାଧିକ ଘର ଭାଙ୍ଗିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା। ଏହି ଦନ୍ତା ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ତେନ୍ତୁଲିମୁଣ୍ଡା ଗ୍ରାମର କୁନା ସିଂ(୪୦)। ଗୁରୁତର ଥିବା ମାନଗୋବିନ୍ଦପୁରର ପ୍ରତାପ ମହାପାତ୍ର(୮୫), ଲକ୍ଷ୍ମୀମଣି ପରିଡ଼ା(୬୨) ଓ ମନୋରଞ୍ଜନ ପରିଡ଼ା(୪୫) ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ଦୁଇ ସପ୍ତାହ ହେବ ବୈଶିଙ୍ଗା ଥାନା ଅଧୀନ କ୍ଷୀରିପଦା ଜଙ୍ଗଲରେ ଡେରା ପକାଇ ରହିଥିବା ତିନିଟିକିଆ ବଣୁଆହାତୀ ମଧ୍ୟରୁ ଗୋଟିଏ ହାତୀ ଶୁକ୍ରବାର ଅପରାହ୍ନରେ ବୁଢ଼ାବଳଙ୍ଗ ନଦୀ ଅତିକ୍ରମ କରି ମାନଗୋବିନ୍ଦପୁରରେ ପଶି ଉତ୍ପାତ ଆରମ୍ଭ କରିଥିଲା। ନିଜ ସମ୍ପର୍କୀୟଙ୍କ ଘରକୁ ଆସିଥିବା କୁନାଙ୍କୁ ରାସ୍ତାରେ ହାତୀ ଆକ୍ରମଣ କରିଥିଲା। ସେହିପରି ଅନ୍ୟ ୩ଜଣ ହାତୀ ଆକ୍ରମଣର ଶିକାର ହୋଇଥିଲେ।

# ପ୍ରବୀର ସଭାପତି, ବିପ୍ଳବ ସମ୍ପାଦକ

## ଓକିଲ ସଂଘ ନିର୍ବାଚନ

ବାରିପଦା,୨୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଓକିଲ ସଂଘ ନିର୍ବାଚନ ଶନିବାର ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ପ୍ରବୀର କୁମାର ବସା ଓ ସମ୍ପାଦକ ଭାବେ ବିପ୍ଳବ କୁମାର ବାରିକ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ସତ୍ୟବ୍ରତ ଦାଶ, ଯୁଗ୍ମ ସମ୍ପାଦକ ସ୍ୱରୂପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ(ପ୍ରଶାସନ) ପଙ୍କଜ ମହାକୁଡ, ଯୁଗ୍ମ ସମ୍ପାଦକ(ପାଠାଗାର) ସତ୍ୟନାରାୟଣ ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ପଦ୍ମଲୋଚନ ମହାନ୍ତ ଜିତିଛନ୍ତି। ସେହିପରି ୧୫ କାର୍ଯ୍ୟକାରୀ ସଦସ୍ୟ ପଦବୀ ମଧ୍ୟରୁ ୮ଜଣ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଅସିତ ଓତା ଫଳାଫଳ ଘୋଷଣା କରିଛନ୍ତି।



ପ୍ରବୀର କୁମାର ବସା। ବିପ୍ଳବ କୁମାର ବାରିକ।

# ମଦନ ହେଲେ କରଞ୍ଜିଆ ଓକିଲ ସଂଘ ସଭାପତି

କରଞ୍ଜିଆ,୨୯।୩(କବିତା ମହାନ୍ତ)

କରଞ୍ଜିଆ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ମଦନ କୁମାର ମହାନ୍ତ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦୀପକ କୁମାର ଦାସ ଅଧିକାରୀଙ୍କୁ ୪ଟି ଭୋଟ୍‌ରେ ହରାଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦୀନକୃଷ୍ଣ ନାଏକଙ୍କୁ ଦୁଇଖଣ୍ଡ ଭୋଟ ବ୍ୟବଧାନ୍‌ରେ ହରାଇ ଏମ୍ଡି ଅମିରୁଲ ହୁସେନ ଉପସଭାପତି ଭାବେ ବିଜୟୀ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ସରୋଜ କୁମାର ରାଉଳ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦିବ୍ୟ ପ୍ରସାଦ ସାହୁଙ୍କଠାରୁ ୧୮ ଖଣ୍ଡ ଭୋଟ ବ୍ୟବଧାନରେ ଜିତିଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ସପନ କୁମାର ଶତପଥୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମହମ୍ମଦ ଫିରୋଜଙ୍କୁ ୨୧ ଖଣ୍ଡ ଭୋଟ୍ ବ୍ୟବଧାନରେ ହରାଇଛନ୍ତି। ସେହିପରି କେଷାଧ୍ୟକ୍ଷ ଭାବେ ବିଶ୍ୱଜିତ ସାହୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପିପୁନ କୁମାର ସାହୁଙ୍କୁ ୧୪ ଖଣ୍ଡ ଭୋଟ୍ ବ୍ୟବଧାନରେ ହରାଇ ବିଜୟ ହାସଲ କରିଛନ୍ତି। କାର୍ଯ୍ୟକାରୀ କମିଟି ପାଇଁ କାହ୍ନୁ ଚରଣ ଗିରି, ଜିତେନ୍ଦ୍ର ବାରିକ, ସଂଗ୍ରାମ କୁମାର ନାଏକ, ତ୍ରିଶୂଳ କୁମାର ମହାନ୍ତ ଓ ଅଶୋକ କୁମାର ସାହୁ ବିଜୟୀ ହୋଇଛନ୍ତି। ମହିଳା ସଦସ୍ୟା ଭାବେ ସୁବର୍ଣ୍ଣ ଧୁଙ୍ଗିଆ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ ତ୍ରିଲୋଚନ ପତି ସୂଚନା ଦେଇଛନ୍ତି। ନିର୍ବାଚନ ପରିଚାଳନାରେ ବିପିନ ବିହାରୀ ମହାନ୍ତ, ଯଶୋବନ୍ତ ନାରାୟଣ ମହାନ୍ତ, ସୁଧୀର କୁମାର ସେଠୀ, ଛତିଶ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଓକିଲ ସଂଘରେ ମୋଟ ୧୫୫ଜଣ ଭୋଟର ଥିବାବେଳେ ୧୪୩ଜଣ ମତ ସାବ୍ୟସ୍ତ କରିଛନ୍ତି।


ନିର୍ବାଚିତ ପ୍ରାର୍ଥୀମାନେ।

## ସଂକ୍ଷେପରେ

### ୧୫ କୁଇଣ୍ଟାଲ ଚୋରା କୋଇଲା ଜବତ

ସାବରଙ୍ଗ,୨୯।୩(କାଳିପଦ ରାୟ)

ଭଦ୍ରକ ସଦର ବ୍ଲକ ସାବରଙ୍ଗ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଚୋରା କୋଇଲା ବୋଝେଇ ପିକଅପ୍ ଭ୍ୟାନ୍ ଜବତ କରିଛି। ଗାଡ଼ିଟି ବାଲିବିଲ ଆଡୁ ଆସୁଥିବା ସୂଚନା ପାଇ ଥାନାଧିକାରୀ ଉମାଶଙ୍କର ନାୟକ ଉକ୍ତ ଭ୍ୟାନ୍‌କୁ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାରିକଛକଠାରେ ଏଏସ୍‌ଆଇ ରବୀନ୍ଦ୍ର ସିଂ ଓ ହାବିଲଦାର ସୁଶାନ୍ତ ମହାପାତ୍ର ଗାଡ଼ିକୁ ଧରିଥିଲେ। ପୋଲିସକୁ ଦେଖି ଚାଳକ ଗାଡ଼ିରୁ ଡେଇଁ ଫେରାର ହୋଇଯାଇଛନ୍ତି। ଗାଡ଼ିରେ ୧୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କୋଇଲା ଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୭୬/୨୫) ରୁଜୁ ହୋଇଛି।

### ବିରଳ ପକ୍ଷୀ ଉଦ୍ଧାର



ଭଣ୍ଡାରିପୋଖରୀ,୨୯।୩(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରଣଜିତ୍ ପଞ୍ଚାୟତ ମାଳୀପଦି ନିକଟସ୍ଥ ଚାଷଜମିରୁ ଶନିବାର ମଧ୍ୟାହ୍ନରେ ଏକ ବିରଳ ପକ୍ଷୀ ଉଦ୍ଧାର ହୋଇଛି। ଜଣେ ବ୍ୟକ୍ତି ବିଲରୁ ଛେଳି ଆଣିବାକୁ ଯାଇଥିବା ବେଳେ ବିରଳ ପକ୍ଷୀଟି ଚାଷଜମିରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଆହତ ଅବସ୍ଥାରେ ପଡ଼ିଥିବା ପକ୍ଷୀକୁ ଉଦ୍ଧାର କରିବା ପରେ ଗାଁକୁ ଆଣି ତାର ସେବା ଶୁଶ୍ରୁଷା କରିଥିଲେ। ଏହାପରେ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ଖବର ଦିଆଯାଇଥିଲା। ଉଦ୍ଧାର ହୋଇଥିବା ପକ୍ଷୀଟି ଗରୁଡ଼ ଜାତୀୟ ବୋଲି ଅନୁମାନ କରାଯାଉଛି।

### ଯୁବ ସାମାଜିକ କର୍ମୀଙ୍କ ପରଲୋକ

ବନ୍ତ,୨୯।୩(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଅଧୀନ ରାମପୁର ପଞ୍ଚାୟତ ଅଲଉତି ଗ୍ରାମର ଯୁବ ସାମାଜିକ କର୍ମୀ ତଥା 'ୟୁନିଟ୍ ଫର୍ ସେବା' ସଙ୍ଗଠନର ସଭାପତି ବସନ୍ତ ପଲେଇ(୩୨)ଙ୍କ ଶନିବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। କିଛିଦିନ ତଳେ ସେ ଦୁର୍ଘଟଣାର ଶିକାର ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେବା ପରେ କର୍ମକ୍ଷେତ୍ର ବ୍ରହ୍ମପୁରକୁ ଫେରିଯାଇଥିଲେ। ସେଠାରେ ସେ ଘରୋଇ ଚିକିତ୍ସାରେ ଥିବାବେଳେ ତାଙ୍କର ପରଲୋକ ହୋଇଛି। ସେ କାଳନ୍ଦୀ ପଲେଇଙ୍କ ପୁଅ। ତାଙ୍କ ମୃତ୍ୟୁ ଖବର ପାଇ ସରପଞ୍ଚ ଗିରିଧାରୀ ସାହୁ, ଭାଜପା ନେତା ଜିତେନ୍ଦ୍ର ନାୟକ, ନିରଞ୍ଜନ ଭୁୟାଁ, ତପନ ବାରିକ, ପୂର୍ବତନ ସରପଞ୍ଚ ମାଳିରାମ ବେହୁରିଆ, ୱାର୍ଡସଭ୍ୟା ରେବତୀ ପଲେଇ, ସଞ୍ଜୟ ବାରିକଙ୍କ ସମେତ ୟୁନିଟ ଫର୍ ସେବାର ରାକେଶ ଭୁୟାଁ, ଅମରେନ୍ଦ୍ର ବାରିକ, ସରୋଜ ପଲେଇ, ଅଜିତ ଭୁୟାଁ, ଦେବାଶିଷ ନାୟକ, ଆଶିଷ ଭୁୟାଁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଅଳିଆ ପାଇଁ ବନ୍ଦ ୨୦ ଦୋକାନ

**ଦୁର୍ଗନ୍ଧରେ ଅଣନିଶ୍ୱାସୀ ଖାଙ୍କିହାଟ**

- **ଗଦା ହୋଇରହିଛି କୁଢ଼ କୁଢ଼ ଆବର୍ଜନା**
- **ନାକ ଟେକୁଛନ୍ତି ଗ୍ରାହକ, ବ୍ୟବସାୟୀ**

ତିହିଡ଼ି,୨୯।୩(ସଞ୍ଜିତ ବଳ)

ତିହିଡ଼ି ଖାଙ୍କିହାଟର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ, ଆବର୍ଜନା ଗଦା ହୋଇଛି। ବର୍ଷ ବର୍ଷ ଧରି ଏହା ଗଦା ହୋଇ ରହିଥିଲେ ମଧ୍ୟ ସଫା କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଭଦ୍ରକର ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ବ୍ୟବସାୟୀମାନଙ୍କଠାରୁ ନିୟମିତ ଭଡ଼ା ଆଦାୟ କରୁଥିବା ବେଳେ ହାଟର ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିଦିନ ଦୁର୍ଗନ୍ଧରେ ଖାଙ୍କିହାଟ ଅଣନିଶ୍ୱାସୀ ହେଉଥିବାବେଳେ ଉଭୟ ବ୍ୟବସାୟୀ ଓ ଗ୍ରାହକ ନାକ ଟେକୁଛନ୍ତି। ଏପରିକି ଏହି ଅଳିଆ ପାଇଁ ମାର୍କେଟ କମ୍ପ୍ଲେକ୍ସର ୨୦ଟି ଦୋକାନ ମଧ୍ୟ ବନ୍ଦ ହୋଇ ରହିଥିବା ଜଣାପଡ଼ିଛି।

ଖାଙ୍କିହାଟ ଜିଲାର ବହୁ ପୁରାତନ ହାଟ ଭାବେ ଜଣାଶୁଣା। ପୂର୍ବରୁ ଏଠାରେ ବରଡ଼ା ପତ୍ରର ଚାଳି ତଳେ ବିଭିନ୍ନ ଅଞ୍ଚଳର ବ୍ୟବସାୟୀ ବେପାର କରୁଥିଲେ। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ଉଦ୍ୟମକ୍ରମେ ଏହି ହାଟର ରୂପରେଖ ବଦଳି ଯାଇଥିଲା। ହାଟରେ ୩ଶହରୁ ଊର୍ଦ୍ଧ୍ୱ ଚାଳି ଥିବାବେଳେ ସବୁ ଚାଳିର ପକ୍କା ପିଣ୍ଡି ହୋଇ ଛାତ ପଡ଼ିଛି। ଆର୍‌ଏମ୍‌ସି ଅଧୀନରେ ଥିବା ଏହି ହାଟରେ ତିହିଡ଼ି ସମେତ ପଡ଼ୋଶୀ ଚାନ୍ଦବାଲି ଓ ବାସୁଦେବପୁର ବ୍ଲକର ବ୍ୟବସାୟୀମାନେ ବିଭିନ୍ନ ପ୍ରକାର ବେପାର କରିଥାନ୍ତି। ଏହାବ୍ୟତୀତ ବହୁ ପନିପରିବା ଚାଷୀ ମଧ୍ୟ ନିଜର ଉତ୍ପାଦକୁ ହାଟରେ ବିକି ପରିବାର ପ୍ରତିପୋଷଣ କରନ୍ତି। ପ୍ରତି ସୋମବାର ଓ ଶୁକ୍ରବାର ହାଟ ବସୁଥିବାବେଳେ ମାର୍କେଟ୍ କମ୍ପ୍ଲେକ୍ସର ଦୋକାନ ସବୁ ପ୍ରତିଦିନ ଖୋଲା ରହିଥାଏ। ତେବେ ରାସ୍ତାପାର୍ଶ୍ୱ ଦୋକାନ ସବୁ ଉଚ୍ଛେଦ ହେବା ପରେ ହାଟରେ ଏବେ ଗହଳି ଚହଳି ବଢ଼ିଯାଇଛି। ରାସ୍ତା ପାର୍ଶ୍ୱର କେତେକ ଫଳ ଓ ପରିବା ଦୋକାନୀ ପ୍ରତିଦିନ ହାଟ ପିଣ୍ଡିରେ ବ୍ୟବସାୟ କରୁଥିବାରୁ ଏପରି ପରିସ୍ଥିତି ଉପୁଜିଛି। ତେବେ ହାଟର ଦକ୍ଷିଣ ପାର୍ଶ୍ୱରେ ବର୍ଷ ବର୍ଷ ହେଲା ଅଳିଆ ଆବର୍ଜନା ଗଦା ହୋଇରହିଛି। ଦୋକାନ ଉଚ୍ଛେଦ ହୋଇଥିବା ସ୍ଥାନରେ ମଧ୍ୟ ହାଟ ଭିତର ଅଳିଆକୁ ଗଦା କରାଯାଇଛି। ଅସରାଏ ବର୍ଷା ପରେ ପରିସ୍ଥିତି ଅସମ୍ଭାଳ ହୋଇପଡୁଛି। ଅଳିଆ ଯୋଗୁ ପ୍ରଦୂଷଣ ବଢୁଥିଲେ ମଧ୍ୟ ଏଥିପ୍ରତି ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବା ପରିତାପର ବିଷୟ ହୋଇଛି। ହାଟରେ ଥିବା ନଳକୂପ ଏହି ଅଳିଆ ଘେରରେ ଥିବାବେଳେ ବ୍ୟବସାୟୀମାନେ ସେଠାରୁ ପାଣି ଆଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ତୁରନ୍ତ ଅଳିଆ ସଫା କରାଯିବା ଦିଗରେ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଆର୍‌ଏମ୍‌ସି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା କହିଛନ୍ତି, ଅଳିଆ ସଫା ପାଇଁ ସେ କିଛି ଲୋକଙ୍କୁ ଦାୟିତ୍ୱ ଦେଇଥିଲେ। ମାତ୍ର ଏହା କାର୍ଯ୍ୟକାରୀ ହୋଇ ନ ଥିବା ସେ ଜାଣିବା ପରେ ନିଜେ ଉପସ୍ଥିତ ରହି ଅଳିଆ ସଫାର ବ୍ୟବସ୍ଥା କରିବେ।



ଖାଙ୍କିହାଟ ପାର୍ଶ୍ୱରେ ଗଦା ହୋଇଛି ଅଳିଆ ଆବର୍ଜନା।

## ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭଦ୍ରକ,୨୯।୩(ସନାତନ ରାଉତ)

ଭଦ୍ରକ ଜିଲା ସଂସ୍କୃତି ଭବନରେ ଶନିବାର ସନ୍ଧ୍ୟା ୬ଟାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ଗୋଲାପରେ କଣ୍ଟା ଥାଇପାରେ, କିନ୍ତୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନାୟକଙ୍କ ବ୍ୟକ୍ତିତ୍ୱରେ କଣ୍ଟା ନାହିଁ। ଜଣେ ଦକ୍ଷ ଓ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ସେ ଜିଲା ପ୍ରଶାସନକୁ ସବୁବେଳେ ସହଯୋଗ କରିଆସୁଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ସରୋଜ କୁମାର ଦତ୍ତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଏବଂ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଯୋଗଦେଇ ବିଦାୟୀ ଅଧିକାରୀ ନାୟକ ଜଣେ ସରଳ, ଅମାୟିକ, ମିଷ୍ଟଭାଷୀ ଓ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ଜିଲାରେ କାର୍ଯ୍ୟ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ବିଦାୟୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନାୟକ ଭଦ୍ରକରେ ତାଙ୍କ କାର୍ଯ୍ୟକାଳର ଅନୁଭୂତି ବର୍ଣ୍ଣନା କରିବା ସହ ଜିଲା ପ୍ରଶାସନ ଓ ଖବରଦାତାମାନଙ୍କ ସହଯୋଗ ଅବିସ୍ମରଣୀୟ ରହିବ ବୋଲି କହିଥିଲେ। ବିଦାୟ ଅବସରରେ ବକ୍ତବ୍ୟ ରଖିବା ବେଳେ ସେ ଭାବବିହ୍ୱଳ ହୋଇପଡ଼ିଥିଲେ। ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଭଦ୍ରକର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସାହିତ୍ୟିକ ଓ ଖବରଦାତାମାନେ ଯୋଗ ଦେଇଥିବାବେଳେ ବିଭିନ୍ନ ମହଲରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୟୂରଭଞ୍ଜରୁ ଆସିଥିବା ସୁମଧୁର କଣ୍ଠଶିଳ୍ପୀ ବିଶ୍ୱନାଥ ପଣ୍ଡା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଜିଲା ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ପ୍ରଧାନଶିକ୍ଷକଙ୍କ ପରଲୋକ

ଭଣ୍ଡାରିପୋଖରୀ,୨୯।୩(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀର ମଡିଆଳି ସରକାରୀ ଉ.ପ୍ରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ସାମଲ(୫୮)ଙ୍କ ଶୁକ୍ରବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗତ ଗୁରୁବାର ଆଗରପଡ଼ା ଶିକ୍ଷକ ତାଲିମ ପ୍ରତିଷ୍ଠାନରେ ମୋଡ୍ୟୁଲ ପ୍ରସ୍ତୁତି କର୍ମଶାଳାରେ ଅଂଶଗ୍ରହଣ କରିଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ନରେ ତାଙ୍କ ମୃତ୍ୟୁ ଘଟିଥିଲା। ମରଶରୀରକୁ ଅଗେଇବହେରା(କାଳିଚାଗଡିଆ)କୁ ଅଣାଯାଇ ମଞ୍ଜୁରୀରୋଡ୍ ବଜାର ପରିକ୍ରମା କରାଯାଇ ଯାଜପୁର ଦଶାଶ୍ୱମେଧ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ୧୧ ବର୍ଷ ତଳେ ତାଙ୍କ ସ୍ତ୍ରୀଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ପରିବାରରେ ପକ୍ଷାଘାତ ଆକ୍ରାନ୍ତ ୮୦ ବର୍ଷୀୟା ମା' ଓ ୧୮ ବର୍ଷର ପୁଅ ଅଛନ୍ତି। ତାଙ୍କ ବିୟୋଗରେ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ବାଲି ବୋଝେଇ ଟ୍ରକ୍ ଜବତ

ଭଣ୍ଡାରିପୋଖରୀ,୨୯।୩(ରାଜେନ୍ଦ୍ର ଶତପଥୀ)

ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ବିରିଡ଼ି ଛକରୁ ଶୁକ୍ରବାର ଅପରାହ୍ନରେ ଏକ ବେଆଇନ ବାଲି ବୋଝେଇ ଟ୍ରକ୍ ପୋଲିସ ଜବତ କରିଛି। ସବ୍‌ଇନ୍ସପେକ୍ଟର ସ୍ନେହପ୍ରଭା ସାହୁଙ୍କ ନେତୃତ୍ୱରେ ପୋଲିସ ପାଟ୍ରୋଲିଂ ଟିମ୍ ବିରିଡ଼ି ଛକରୁ ବେଆଇନ ବାଲି ପରିବହନ କରୁଥିବା ଟ୍ରକ୍ ଜବତ କରିଥିଲା। ଏଥିସହ ଚାଳକ କୋରେଇ ଥାନା ଅଧୀନ ଦୁଲାଖାପାଟଣା ମଙ୍ଗଳବାହାଲୀ ଗ୍ରାମର ଜଗନ୍ନାଥ ଯେନା(୩୨)ଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୧୫୨/୨୫) ରୁଜୁ ହୋଇଛି।

## ସ୍କୁଲରୁ ୩୨ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଚୋରି

ତିହିଡ଼ି,୨୯।୩ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ଶ୍ୟାମସୁନ୍ଦର ପଞ୍ଚାୟତ ଉପରଦୁମୁକା ଗ୍ରାମସ୍ଥିତ ଜୟଦୁର୍ଗା ନୋଡାଲ ୟୁପି ସ୍କୁଲରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ସ୍କୁଲର ପ୍ରଧାନଶିକ୍ଷକ ରାଜେଶ କାଣ୍ଡିଆନ ଶନିବାର ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ସେ ଦାବି ଜଣାଇଛନ୍ତି। ପ୍ରଧାନଶିକ୍ଷକ ଦର୍ଶାଇଛନ୍ତି ଯେ, ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ସ୍କୁଲର ୨ଟି ଗେଟ୍‌ର ତାଲା ଭାଙ୍ଗି ଭିତରକୁ ପଶିବା ସହ ଅଫିସ୍ ଓ ଶ୍ରେଣୀଗୃହର ତାଲା ମଧ୍ୟ ଭାଙ୍ଗି ଦେଇଛନ୍ତି। ସେମାନେ ସ୍କୁଲରେ ଥିବା ରାନ୍ଧଣା ସାମଗ୍ରୀ ସହ ୩୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ନେଇଯାଇଛନ୍ତି। ଏଥିସହ ସ୍କୁଲରେ ଥିବା ମାଇକ୍‌ସେଟ୍‌କୁ ବି ସେମାନେ ଚୋରି କରି ନେଇଛନ୍ତି। ଶନିବାର ସକାଳ ୬ଟା ବେଳେ ସହକାରୀ ଶିକ୍ଷକ ଅଶୋକ କୁମାର ମଲ୍ଲିକ ସ୍କୁଲକୁ ଯିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ଘଟଣା ସମ୍ପର୍କରେ ସମସ୍ତ ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ ଅବଗତ କରାଯାଇଥିଲା।

## 'ଶିକ୍ଷା ସମାଜକୁ ଠିକ୍ ମାର୍ଗ ଦେଖାଏ'

ବାସୁଦେବପୁର,୨୯।୩(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ସହରସ୍ଥିତ ମିରାକିଲ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ତନ୍ମିତା କର ଯୋଗଦେଇ ସଭାକୁ ଉଦ୍‌ଘାଟନ କରିବା ଅବସରରେ କହିଥିଲେ, ଛାତ୍ରୀଛାତ୍ରଙ୍କ ମନରେ ଅଧିକରୁ ଅଧିକ ଜାଣିବାର ଆଗ୍ରହ ସୃଷ୍ଟି ହେବା ଦରକାର। ଫଳରେ ସେମାନଙ୍କ ଜ୍ଞାନ ଆହରଣ ଶକ୍ତି ବୃଦ୍ଧି ପାଇବ। ଶିକ୍ଷା ସମାଜକୁ ଠିକ୍ ମାର୍ଗ ଦେଖାଇଥାଏ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗୟାଧର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ର ଶୃଙ୍ଖଳିତ ହେବା ସହ ଲକ୍ଷ୍ୟ ଧାର୍ଯ୍ୟ କରି ପାଠ ପଢ଼ିଲେ ସଫଳତାର ଶୀର୍ଷକୁ ଛୁଇଁପାରିବେ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ମୁକୁନ୍ଦବିହାରୀ ମହାନ୍ତି ଓ ଶିକ୍ଷାନୁଷ୍ଠାନ ସମ୍ପାଦକ ରାହାସ ବିହାରୀ ମହାନ୍ତି ଯୋଗ ଦେଇଥିଲେ। ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ଶରତ ଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ଚେୟାରମ୍ୟାନ ଦୁଃଶାସନ ରାଉତ ସଭାପତିତ୍ୱ କରିଥିବା ବେଳେ ପ୍ରିନ୍ସିପାଲ ପ୍ରୀତିରଞ୍ଜନ ସାହୁ ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ନିର୍ମଳ ଚନ୍ଦ୍ର ମିଶ୍ର ଗୀତାପାଠ ଓ ଅଭିଲିପ୍ସା ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସନ୍ଧ୍ୟାରାଣୀ ପାଢ଼ୀ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ସ୍କୁଲ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

## ବୋଟ୍ ତଦାରଖ କଲେ ଅଧିକାରୀ

ଧାମନଗର, ୨୯।୩ (ଦେବେନ୍ଦ୍ର ଆଡ଼ିଆ)

ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପାଣିଘେରରେ ଥିବା ବିପନ୍ନମାନଙ୍କ ନିକଟରେ ରିଲିଫ ପହଞ୍ଚାଇବା ଓ ଉଦ୍ଧାର କାର୍ଯ୍ୟ ପାଇଁ ବୋଟ୍ ଖୋଜାପଡ଼େ। ହେଲେ ବନ୍ୟା ପରେ ବୋଟ୍ ଅଲୋଡ଼ା। ଖରା, ବର୍ଷା କାକରରେ ଅଯତ୍ନ ଅବସ୍ଥାରେ ପଡ଼ିଥାଏ। ଧାମନଗର ବ୍ଲକରେ ବନ୍ୟା ପରେ ବୋଟ୍‌ଗୁଡ଼ିକ ରକ୍ଷଣାବେକ୍ଷଣା ଅଭାବରୁ ନଦୀପଠା ସମେତ ଏଣେତେଣେ ପଡ଼ି ନଷ୍ଟ ହେବାକୁ ବସିଲାଣି। ଓସଡମା ପକ୍ଷରୁ ବ୍ଲକକୁ ଯୋଗାଇ ଦିଆଯାଇଥିବା ୧୦ ବୋଟ୍ ମଧ୍ୟରୁ ୫ଟି ଅଚଳ ହୋଇ ଖରା ବର୍ଷାରେ ନଷ୍ଟ ହେଉଥିବା ଗଣମାଧ୍ୟମରେ ଖବର ପ୍ରକାଶ ପରେ ଶୁକ୍ରବାର ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ବିଭାଗର ସହକାରୀ ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ତଦାରଖ କରି ଫେରିଛି। ଭୁବନେଶ୍ୱରରୁ ଆସିଥିବା ବିଭାଗୀୟ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କ ସହ ଏକ ପ୍ରତିନିଧି ଦଳ ଧାମନଗର ତହସିଲ ଅଧୀନ ସୋହଡ଼ା ପଞ୍ଚାୟତର କଣ୍ଟାପାରୀ ଓ ମିଶ୍ରପୁର ପାଖରେ ରହିଥିବା ବୋଟ୍‌ଗୁଡ଼ିକୁ ଦେଖିଥିଲେ। ଦୁଇଟି ଜାଗାରେ ମୋଟ ୧୦ଟି ବୋଟ୍ ଥିବାବେଳେ ସେସବୁ ଭିତରୁ ୩ଟି ପୁରା ନଷ୍ଟ ହୋଇଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ବୋଟ୍‌ଗୁଡ଼ିକ ନଷ୍ଟ ହେଉଥିବା ପ୍ରତିନିଧି ଦଳର ମୁଖ୍ୟ ଅଧିକାରୀ ରମେଶ କହିଛନ୍ତି। ବନ୍ୟା ପରେ ଉଭୟ ତହସିଲ ଓ ବ୍ଲକ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାଯିବା କଥା। ନଦୀ କୂଳରେ ଏକ ସୁରକ୍ଷିତ ସ୍ଥାନରେ ପକ୍କା ପିଣ୍ଡି ଓ ଛାଉଣି କରାଯାଇ ବୋଟଗୁଡ଼ିକୁ ରଖାଯିବା କଥା। ସ୍ଥାନୀୟ ପ୍ରଶାସନ ତଦାରଖ ନ କରିବାରୁ ବୋଟ୍‌ଗୁଡ଼ିକ ଧୀରେ ଧୀରେ ନଷ୍ଟ ହେବାକୁ ବସିଛି। ଗତ ତିନିବର୍ଷ ହେଲା ଧାମନଗର ଅଞ୍ଚଳରେ ବଡ଼ ବନ୍ୟା ହୋଇନାହିଁ। ଏଣୁ ବୋଟ୍ ବା ଡଙ୍ଗାର ଆବଶ୍ୟକତା ପଡ଼ିନାହିଁ। ଯାହାଦ୍ୱାରା ସ୍ଥାନୀୟ କର୍ତ୍ତୃପକ୍ଷ ଏହାର ଯତ୍ନ ନେବାକୁ ବୋଧେ ଭୁଲି ଯାଇଛନ୍ତି ବୋଲି ସେ କହିଥିଲେ।




ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିକାରୀ ନଦୀପଠାରେ ପଡ଼ିଥିବା ବୋଟ୍ ଦେଖୁଛନ୍ତି।

## ଓକିଲ ସଂଘ ନିର୍ବାଚନ

### ସନ୍ତୋଷ ସଭାପତି, ପୁଣି ସୂର୍ଯ୍ୟକାନ୍ତ ସମ୍ପାଦକ



ନବନିର୍ବାଚିତ ସଭାପତି ସନ୍ତୋଷ ଆଚାର୍ଯ୍ୟ(ବାମ) ଓ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର(ଡାହାଣ)।

ଭଦ୍ରକ,୨୯।୩(ସନାତନ ରାଉତ)

ଭଦ୍ରକ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇ ରାତି ସାଢ଼େ ୮ଟାରେ ଫଳାଫଳ ପ୍ରକାଶ ପାଇଛି। ସଭାପତି ଭାବେ ସନ୍ତୋଷ ଆଚାର୍ଯ୍ୟ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ୮ମ ଥର ପାଇଁ ସୂର୍ଯ୍ୟକାନ୍ତ କୁଅଁର ଜିତିଛନ୍ତି। ସକାଳ ୭ଟା ୩୦ରୁ ଭୋଟ୍ ଗ୍ରହଣ ଅପରାହ୍ନ ୩ଟା ଯାଏ ଚାଲିଥିଲା। ମୋଟ ୮୭୧ ଭୋଟରଙ୍କ ମଧ୍ୟରୁ ୭୬୧ଜଣ ମତଦାନ କରିଥିଲେ। ସନ୍ତୋଷଙ୍କୁ ମୋଟ ୫୪୨ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରଞ୍ଜନ ନାୟକଙ୍କୁ ୨୦୨ଖଣ୍ଡ ଭୋଟ ମିଳିଛି। ସେହିପରି ସୂର୍ଯ୍ୟକାନ୍ତଙ୍କୁ ମୋଟ ୪୦୫ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଗୋପବନ୍ଧୁ ଦାସଙ୍କୁ ୧୯୪ ଖଣ୍ଡ ଓ ସୌମଭ ଦେଙ୍କୁ ୧୫୪ ଖଣ୍ଡ ଭୋଟ ମିଳିଛି। ଉପସଭାପତି ଭାବେ ଅଶୋକ ନାୟକ, ଯୁଗ୍ମ ସମ୍ପାଦକ ନିକୁଞ୍ଜ ପୁହାଣ, ଲାଇବ୍ରେରୀ ସମ୍ପାଦକ ବିଶ୍ୱଜିତ ରାଉତ ଓ କୋଷାଧ୍ୟକ୍ଷ ଭାବେ ସୁରେନ୍ଦ୍ର କର ନିର୍ବାଚିତ ହୋଇଛନ୍ତି। ୩ଜଣ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦେବବ୍ରତ ମହାପାତ୍ର, ମାନସ ରଞ୍ଜନ ଦାସ ଓ ସଞ୍ଜୟ ନାୟକ ଜୟଯୁକ୍ତ ହୋଇଛନ୍ତି। ଆଇନଜୀବୀମାନଙ୍କ ମଙ୍ଗଳ, ସମ୍ମାନ ବଜାୟ ରଖିବା ସହ ଓକିଲ ସଂଘର ଐତିହ୍ୟ ବଜାୟ ରଖିବେ ବୋଲି ନବନିର୍ବାଚିତ ସଭାପତି ଓ ସମ୍ପାଦକ କହିଛନ୍ତି।

### ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ୭ ପ୍ରାର୍ଥୀ

ଧାମନଗର,୨୯।୩ (ଦେବେନ୍ଦ୍ର ଆଡ଼ିଆ/ ସନ୍ତୋଷ କୁମାର ମହାପାତ୍ର)



ସଭାପତି ଅଶୋକ କୁମାର ଦାସ



ସାଧାରଣ ସମ୍ପାଦକ ରଣଜିତ କୁମାର ମହାନ୍ତି

ଧାମନଗର ଓକିଲ ସଂଘ ପକ୍ଷରୁ ବିଧିବଦ୍ଧ ଭାବେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ସମସ୍ତ ୭ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପ୍ରାର୍ଥୀ ଭାବେ ଅଶୋକ କୁମାର ଦାସ, ସାଧାରଣ ସମ୍ପାଦକ ରଣଜିତ କୁମାର ମହାନ୍ତି, କୋଷାଧ୍ୟକ୍ଷ ପର୍ଶୁରାମ ମହାପାତ୍ର, ଉପସଭାପତି ପ୍ରଜ୍ଞା ପରମିତା ଦାଶ, ସହସମ୍ପାଦକ ମିନତି ମଲ୍ଲିକ, କାର୍ଯକାରୀ ସଭ୍ୟ ଭାବେ ମନୋଜ କୁମାର ଗୁପ୍ତା ଓ ଶାନ୍ତନୁ ଦାସ ନାମାଙ୍କନ ଦାଖଲ କରିଥିବା ବେଳେ କେହି ପ୍ରତିଦ୍ୱନ୍ଦ୍ୱୀ ଭାବେ ନାମାଙ୍କନ ଦାଖଲ କରି ନ ଥିଲେ। ଶନିବାର ଆନୁଷ୍ଠାନିକ ଭାବେ ନିର୍ବାଚନ ଅଧିକାରୀ ନିରାକାର ଜେନା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ପ୍ରାର୍ଥୀଙ୍କ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ କରି ରାଜ୍ୟ ଆଇନଜୀବୀ ପରିଷଦକୁ ଜଣାଇଛନ୍ତି। ଅଶୋକ ତୃତୀୟଥର ପାଇଁ ସଂଘର ସଭାପତି ହୋଇଛନ୍ତି। ସେହିପରି ଧାମନଗର ଅଞ୍ଚଳର ଜଣାଶୁଣା ତଥା ସମସ୍ତଙ୍କ ପ୍ରିୟ ରଣଜିତ ସଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଆସନ୍ତା ୨ ତାରିଖରେ ଓକିଲ ସଂଘ ଗୃହରେ ନିର୍ବାଚିତ ପ୍ରତିନିଧିମାନେ ଆନୁଷ୍ଠାନିକ ଭାବେ ଶପଥପାଠ କରି ଦାୟିତ୍ୱ ଗ୍ରହଣ କରିବେ। ଓକିଲ ସଂଘର ସାଧାରଣ ସମ୍ପାଦକ ଅମରେନ୍ଦ୍ର ମହାନ୍ତି ନିର୍ବାଚିତ ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଇନଜୀବୀ ଉମାକାନ୍ତ ପଣ୍ଡା ଓ ଦେବକୀ ନନ୍ଦନ ମହାପାତ୍ର ନିର୍ବାଚନରେ ସହଯୋଗ କରିଥିଲେ।

### ସହଦେବ ସଭାପତି, କୃପାସିନ୍ଧୁ ସମ୍ପାଦକ

ବାସୁଦେବପୁର,୨୯।୩ (ନାରାୟଣ ପ୍ରସାଦ ବାରିକ୍)



ସହଦେବ ଦାଶ



କୃପାସିନ୍ଧୁ ଜେନା

ବାସୁଦେବପୁର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବରିଷ୍ଠ ଆଇନଜୀବୀ ସହଦେବ ଦାଶ ଓ ସମ୍ପାଦକ ଭାବେ କୃପାସିନ୍ଧୁ ଜେନା ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ସଜିତ୍ କୁମାର ଦାସ, ସହସମ୍ପାଦକ ସୁଶାନ୍ତ କୁମାର ବିଶ୍ୱାଳ ଏବଂ କୋଷାଧ୍ୟକ୍ଷ ବିଜୟ କୁମାର ରାୟ ବିଜୟ ହାସଲ କରିଛନ୍ତି। ସଦସ୍ୟ ଭାବେ ଭାରତୀ ସୂତାର, କରୁଣାକର ମଣ୍ଡଳ, ଅରୁଣ କୁମାର ମହାପାତ୍ର ପ୍ରମୁଖ ଆଇନଜୀବୀ ମନୋନୀତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ମହାନ୍ତି(ଏ) ଓ ଲକ୍ଷ୍ମୀବ୍ରତ ମଲିକ ନିର୍ବାଚନ ପରିଚାଳନା କରିଥିଲେ। ନୂତନ ସଭାପତି, ସମ୍ପାଦକଙ୍କ ସମେତ କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

### ଉପେନ୍ଦ୍ର ସଭାପତି, ରାଜନାରାୟଣ ସମ୍ପାଦକ

ଚାନ୍ଦବାଲି,୨୯।୩(କିଷାନ ପାତ୍ର)



ଉପେନ୍ଦ୍ର କୁମାର ରାଉଳ



ରାଜନାରାୟଣ ନାୟକ

ଚାନ୍ଦବାଲି ଓକିଲ ସଂଘ ନିର୍ବାଚନରେ ସଭାପତି ଭାବେ ବରିଷ୍ଠ ଆଇନୀଜୀବୀ ଉପେନ୍ଦ୍ର କୁମାର ରାଉଳ ଓ ସମ୍ପାଦକ ଭାବେ ରାଜନାରାୟଣ ନାୟକ ନିର୍ବାଚିତ ହୋଇଛନ୍ତି। ଉପେନ୍ଦ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଭାସ ଶୁଭଦର୍ଶନ ମହାନ୍ତିଙ୍କୁ ଏକ ଖଣ୍ଡ ଭୋଟରେ ହରାଇଛନ୍ତି। ସେହିପରି ରାଜନାରାୟଣ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରିୟରଞ୍ଜନ ମହାନ୍ତିଙ୍କୁ ୩ ଖଣ୍ଡ ଭୋଟରେ ହରାଇ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ସୁରେଶ ଚନ୍ଦ୍ର ସାହୁ, ସହସମ୍ପାଦକ ରଞ୍ଜନ କୁମାର ବେହେରା, କୋଷାଧ୍ୟକ୍ଷ କାଦମ୍ବିନୀ ମହାନ୍ତି ଓ ଲାଇବ୍ରେରୀ ସମ୍ପାଦକ ଭାବେ ଅନ୍ତର୍ଯ୍ୟାମୀ ନାୟକ ଜିତିଛନ୍ତି। ଓକିଲମାନଙ୍କ ସୁରକ୍ଷା ଓ ବାର୍ ଆସୋସିଏଶନର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ଉପେନ୍ଦ୍ର କହିଛନ୍ତି। ମୋଟ ୫୧ଜଣ ଭୋଟ୍ ଦେଇଥିବା ବେଳେ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନୀଜୀବୀ ଆଦିତ୍ୟ କୁମାର ବିଶ୍ୱାଳ ନିର୍ବାଚନ ପରିଚାଳନା କରିଥିଲେ।

**ବେଆଇନ ପଥରବ୍ଲାଷ୍ଟିଂରେ ଅଜଗରର ମୃତ୍ୟୁ**

ପଞ୍ଚଲିଙ୍ଗେଶ୍ୱର(ଲେଲିନ୍‌କୁମାରଦେ)-କୁଲଡିହାରେଞ୍ଜଅଧୀନହାତିଖୁଲିଆବିଟ୍‌ଫେଜ୍-୪ବେଆଇନପଥରଖାଦାନରେଶୁକ୍ରବାର ଜିଲୋଟିନ ବ୍ଲାଷ୍ଟିଂରେ ଏକ ଅଜଗର କ୍ଷତାକ୍ତ ହୋଇଥିଲା। ପଥର ବ୍ଲାଷ୍ଟିଂରେ ସମ୍ପୃକ୍ତ କେତେଜଣ ଯୁବକ ସାପକୁ ବଉଳଗଡ଼ିଆ ସୀମାନ୍ତଅଞ୍ଚଳର ପାହାଡ଼ଫେଜ୍-୫ପାଖାପାଖି ପକାଇ ପଥରରେ ଛେଚିମାରିଦେଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ହାତୀଖୁଲିଆ ଫରେଷ୍ଟର ଜୟନ୍ତ ପ୍ରଧାନଙ୍କୁ ଯୋଗାଯୋଗ କରାଯିବାରୁ ଏହି ଅଞ୍ଚଳ ଅନ୍ୟ ବିଟ୍ ଅଧୀନରେ ଆସୁଛି କହି ଏଡାଇଯାଇଥିଲେ।



## ବାଲେଶ୍ୱର

# ଦୋଛକିରେ ଜଳେଶ୍ୱର-ଚନ୍ଦନେଶ୍ୱର-ଦୀଘା ରେଳପଥ

ଭୋଗରାଇ, ୨୯।୩ (ପ୍ରଦୀପ ଦାସ)

ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ଜଳେଶ୍ୱର-ଦୀଘା ୪୧କି.ମି. ବ୍ରଡ୍‌ଗେଜ ରେଳପଥ ପାଇଁ ଗତ ୧୪ ବର୍ଷ ତଳେ ୩୫୨.୬୫କୋଟି ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ଅଦ୍ୟାବଧି ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଏହାର ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଏଭଳି ସ୍ଥିତିରେ ଜଳେଶ୍ୱର-ଚନ୍ଦନେଶ୍ୱର ନୂତନ ରେଳପଥକୁ ନେଇ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତବାସୀ ଦୋଛକିରେ ରହିଛନ୍ତି। ଚଳିତ ରେଳ ବଜେଟରେ ଓଡ଼ିଶାକୁ ୧୦,୫୯୯ କୋଟି ଓ ପଶ୍ଚିମବଙ୍ଗକୁ ୧୩, ୯୫୫କୋଟି ଟଙ୍କାର ଅନୁଦାନ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି। ହେଲେ ସୀମାନ୍ତରେ ଏହି ୨ ରେଳପଥ କାର୍ଯ୍ୟକାରୀ ନିମନ୍ତେ କେତେ ଅର୍ଥ ମଞ୍ଜୁର ହୋଇଛି ତାହା ଅଦ୍ୟାବଧି ଖଡ଼ଗପୁର ରେଳ ଡିଭିଜନ ଡିଆର୍‌ଏମ୍ କାର୍ଯ୍ୟାଳୟରୁ ସ୍ପଷ୍ଟ ଚିତ୍ର ସାମନାକୁ ଆସି ନ ଥିବା ସୂଚନା ମିଳିଛି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ଚୌମୁଖ ସମୁଦ୍ରମୁହାଣ ଓ ପଶ୍ଚିମବଙ୍ଗ ରାମନଗର ବ୍ଲକ ତାଜପୁରଠାରେ ୨ ରାଜ୍ୟର ବୃହତ୍ ବନ୍ଦର ନିର୍ମାଣ ହେବାକୁ ଘୋଷଣା ହୋଇଛି। ୨ ରାଜ୍ୟର ସୀମାନ୍ତବାସୀଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିରେ ଅଭିବୃଦ୍ଧି ନିମନ୍ତେ ଜଳେଶ୍ୱର-ଦୀଘା କିମ୍ବା ଜଳେଶ୍ୱର-ଚନ୍ଦନେଶ୍ୱର ନୂତନ ରେଳପଥ ଗୁରୁତ୍ୱ ବହନ କରୁଛି। ବିଶେଷ କରି ଏହି ରେଳପଥ କାର୍ଯ୍ୟକାରୀ ହେବା ଫଳରେ ସୀମାନ୍ତବାସୀ ଦକ୍ଷିଣ ଓ ଉତ୍ତର ଭାରତକୁ ସହଜରେ ଗମନାଗମନ କରିବା ସହ ନିଜର ଉତ୍ପାଦିତ ଫସଲ ଯଥା ପାନ, ଧାନ, ନଡ଼ିଆ, ଚିନାବାଦାମ ଓ ଲୁଣି ମାଛ ଆଦି ସାମଗ୍ରୀକୁ କମ୍ ଖର୍ଚ୍ଚରେ ଭିନ୍ନ ରାଜ୍ୟକୁ ରପ୍ତାନୀ ସହଜରେ କରିପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ପ୍ରକାଶ ଯେ, ଜଳେଶ୍ୱର-ଦୀଘା ରେଳପଥ ନିମନ୍ତେ ୧୯୯୪-୯୫ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ରେଳବୋର୍ଡକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ୟୁପିଏ ସରକାର ଅମଳରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା ପାର୍ଲାମେଣ୍ଟରେ ରେଳପ୍ରକଳ୍ପ ଉପସ୍ଥାପନ ଏବଂ ୨୦୦୫ରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅନନ୍ତ ଦାସଙ୍କ ପ୍ରଚେଷ୍ଟାରେ ବିଧାନସଭା ଷ୍ଟାଣ୍ଡିଂ କମିଟି ତତ୍କାଳୀନ ୟୁପିଏ ସରକାରଙ୍କ ରେଳମନ୍ତ୍ରୀ ଥିବା ମମତା ବାନାର୍ଜୀଙ୍କୁ ସାକ୍ଷାତ୍ କରି ଜଳେଶ୍ୱର-ଦୀଘା ରେଳପଥ କାର୍ଯ୍ୟକାରୀ ଖୁବ୍‌ଶୀଘ୍ର କରିବା ନିମନ୍ତେ ପ୍ରସ୍ତାବ ଦିଆଯାଇ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଥିଲା। ୨୦୦୯-୧୦ରେ ଏହି ରେଳପଥ ଡିପିଆର୍ ପ୍ରସ୍ତୁତ କରାଯାଇ ପ୍ରଥମ ପର୍ଯ୍ୟାୟରେ ୬୫କୋଟି ଟଙ୍କାର ଟୋକନ ଆଲୋକେଶନ ମଞ୍ଜୁର ହୋଇ ୨୦୧୦-୧୧ରେ ୧୫୦କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଜଳେଶ୍ୱର-ଦୀଘା ୪୧ କି.ମି. ଏହି ରେଳ ପ୍ରକଳ୍ପ ଓଡ଼ିଶାରୁ ଜଳେଶ୍ୱର ଓ ଭୋଗରାଇ ବ୍ଲକର ୩୪ କି.ମି. ଜମି ଅଧିଗ୍ରହଣ ଶେଷ ଅବସ୍ଥାରେ କେନ୍ଦ୍ର ସରକାର ଦାବି କରିଥିବାବେଳେ ପଶ୍ଚିମବଙ୍ଗ ସରକାର ଆନ୍ତରିକତା ଅଭାବରୁ ଦୀଘାରୁ ୭ କି.ମି. ଜମି ଅଧିଗ୍ରହଣ ହୋଇପାରୁନାହିଁ ବୋଲି ରେଳମନ୍ତ୍ରୀ ଗତ ସୋମବାର ରାଜ୍ୟ ସଭାରେ ଟିଏମ୍‌ସି ସଦସ୍ୟଙ୍କ ପ୍ରଶ୍ନର ଉତ୍ତରରେ ପ୍ରକାଶ କରିଛନ୍ତି। ଫଳରେ ଦୀଘା-ଜଳେଶ୍ୱର ରେଳପଥ ନିର୍ମାଣରେ ଅନିଶ୍ଚିତତା ଦେଖାଦେଇଛି। ଏଭଳି ସ୍ଥିତିରେ ୨୧।୬।୨୦୨୩ ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରିବା ଉଦ୍ଦେଶ୍ୟରେ ଆସି ଜଳେଶ୍ୱର -ଚନ୍ଦନେଶ୍ୱର ୩୪ କି.ମି. ରାସ୍ତାକୁ ନୂତନ ରେଳପଥ ସଂଯୋଗ ପାଇଁ ଉଦ୍ୟମ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉକ୍ତ ରେଳପଥ ନିର୍ମାଣ ନିମନ୍ତେ ଦକ୍ଷିଣ-ପୂର୍ବ ରେଳବୋର୍ଡ ଟେକ୍ନୋ ଇକୋନମିକ ଫିଜିବିଲିଟି ଦ୍ୱାରା ସର୍ଭେ କରାଯାଉଛି ବୋଲି ସୂଚନା ଦେବାରୁ ଜିଲା ଅଞ୍ଚଳବାସୀଙ୍କ ଆଶା ଉଜ୍ଜୀବିତ ହୋଇଥିଲା। ୨୦୨୪ ସାଧାରଣ ନିର୍ବାଚନ ଓ ୨୦୨୫ ଅଦ୍ୟାବଧି ଜଳେଶ୍ୱର-ଚନ୍ଦନେଶ୍ୱର ନୂତନ ରେଳପଥ ନିମନ୍ତେ ବାଲେଶ୍ୱର ଏମ୍‌ପି ୧ହଜାର କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସଭା ସମିତିରେ ପ୍ରକାଶ କରୁଥିବାବେଳେ ଏହି ଅର୍ଥ ସମ୍ପର୍କରେ କୌଣସି ବିଧିବଦ୍ଧ ଘୋଷଣା ହୋଇ ନ ଥିବାରୁ ରାଜନୈତିକ ମହଲରେ ପୁଣି ତୁମ୍ବିତୋଫାନ ଆରମ୍ଭ ହୋଇଛି। କେନ୍ଦ୍ର ସରକାର ଦୀର୍ଘ ବର୍ଷ ଧରି ଜଳେଶ୍ୱର-ଦୀଘା ରେଳପଥ କାର୍ଯ୍ୟ କରିପାରୁ ନ ଥିବା ବେଳେ ଏବେ ଜଳେଶ୍ୱର-ଚନ୍ଦନେଶ୍ୱର ନୂତନ ରେଳପଥ ନିର୍ମାଣ କାର୍ଯ୍ୟ ବାଲେଶ୍ୱରବାସୀଙ୍କୁ ମିଛ କହୁଥିବା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା ଅଭିଯୋଗ କରିଛନ୍ତି। ବିଗତ ବର୍ଷ ଧରି ଭାଜପା ସରକାର ରେଳ ବଜେଟରେ ଓଡ଼ିଶା ଓ ପଶ୍ଚିମବଙ୍ଗ ପ୍ରତି ଅଣଦେଖା କରି ନଗଣ୍ୟ ଅନୁଦାନ ଦେବାରୁ ଜଳେଶ୍ୱର-ଦୀଘା ରେଳପଥ ଆଗେଇପାରୁ ନାହିଁ ଓ ଜଳେଶ୍ୱର-ଚନ୍ଦନେଶ୍ୱର ନୂତନ ରେଳପଥ ଭାଜପାର ଏକ ନିର୍ବାଚନୀ ବୈତରଣୀ ପାର ହେବାର ରାଜନୈତିକ ଟେକ୍ନିକ୍ ବୋଲି ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ସୂଚନା ଦେଇଛନ୍ତି। ଭାଜପାର ଡବଲ ଇଞ୍ଜିନ ସରକାର ୨ ରାଜ୍ୟକୁ ଡବଲ ଧୋକା ଦେଉଥିବାରୁ ରେଳ ଇଞ୍ଜିନ ଏବେ ଆଗକୁ ଗଡୁନାହିଁ ବୋଲି କଂଗ୍ରେସ ନେତା ସତ୍ୟଶିବ ଦାସ ପ୍ରକାଶ କରିଛନ୍ତି। ଜଳେଶ୍ୱର -ଚନ୍ଦନେଶ୍ୱର ନୂତନ ରେଳପଥ ନିର୍ମାଣ ନିମନ୍ତେ ବାଲେଶ୍ୱର ଏମ୍‌ପି ୧ହଜାର କୋଟି ଟଙ୍କା ଅନୁଦାନ ଆସିଥିବା ଘୋଷଣା ସତ୍ୟତା ନାହିଁ ବୋଲି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ପ୍ରତିକ୍ରିୟାରେ କହିଛନ୍ତି। ଅପରପକ୍ଷରେ ଖୁବ୍‌ଶୀଘ୍ର ଜଳେଶ୍ୱର-ଚନ୍ଦନେଶ୍ୱର ନୂତନ ରେଳପଥ ନିର୍ମାଣ କାର୍ଯ୍ୟର ଅନୁଦାନ ଅର୍ଥ ଓ ସର୍ଭେ କାର୍ଯ୍ୟର କାଗଜପତ୍ର ଖଡ଼ଗପୁର ରେଳ ଡିଭିଜନ କାର୍ଯ୍ୟାଳୟକୁ ଆସିଛି ବୋଲି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

# ମତଦାନ କଲେ ୧୨୨୦ ଭୋଟର

**ବାଲେଶ୍ୱର ବାର ଆସୋସିଏଶନ ନିର୍ବାଚନ**

ବାଲେଶ୍ୱର, ୨୯।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ନିର୍ବାଚନ ଅଧିକାରୀ ଆଇନଜୀବୀ କାର୍ତ୍ତିକ ଚନ୍ଦ୍ର ସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଳିତବର୍ଷ ୧୩୯୯ ଭୋଟରଙ୍କ ମଧ୍ୟରୁ ମୋଟ୍ ୧୨୨୦ ଜଣ ମତଦାନ କରିଛନ୍ତି। ଅପରାହ୍ନ ୫ଟାରୁ ଭୋଟ୍ ଗଣତି ଆରମ୍ଭ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ବିଳମ୍ବିତ ରାତି ହେଲେ ମଧ୍ୟ ଭୋଟ୍ ଗଣତି ଶେଷ ହେବା ପରେ ସଙ୍ଗେ ସଙ୍ଗେ ଫଳାଫଳ ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ବାର ଆସୋସିଏଶନ୍ ନିର୍ବାଚନରେ ମତଦାନ ଚାଲିଛି।

ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ସହ-ନିର୍ବାଚନ ଅଧିକାରୀ ଭାବେ ୧୮ଜଣ ବରିଷ୍ଠ ଆଇନଜୀବୀ ନିଯୁକ୍ତ ଥିଲେ। ସଭାପତି ପଦ ପାଇଁ କେଶବ କୁମାର ଆଚାର୍ଯ୍ୟ, ମନୋଜ କୁମାର ନାୟକ ଏବଂ ନାରାୟଣ ଚନ୍ଦ୍ର ସାହୁ, ଉପସଭାପତି ପଦ ପାଇଁ ଜିତେନ୍ଦ୍ର କୁମାର ଉପାଧ୍ୟାୟ ଓ ରଣଜିତ୍ ପଣ୍ଡା, ସମ୍ପାଦକ ପଦ ପାଇଁ ଦୀପକ କୁମାର ଦାଶ, ପ୍ରତାପ ଚନ୍ଦ୍ର ମହାନ୍ତି, ସସ୍ମିତ କୁମାର ନନ୍ଦୀଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଛି। ସେହିପରି ଦୁଇଟି ସହସମ୍ପାଦକ ପଦ ପାଇଁ ଅଜୟ କୁମାର ବାରିକ, ଚନ୍ଦ୍ରକାନ୍ତ ଜେନା, ପିନାକୀ ଧୀର, ରୀତାଞ୍ଜଳି ନନ୍ଦ ଓ ସୌରୀ ଶଙ୍କର ପରିଡ଼ା, କୋଷାଧ୍ୟକ୍ଷ ପାଇଁ ନିଶାନ୍ତ ପଟ୍ଟନାୟକ ଓ ରାଧାବଲ୍ଲଭ ଦାସ, ସହ କୋଷାଧ୍ୟକ୍ଷ ପାଇଁ ବରେନ୍ଦ୍ର ସେଠୀ ଓ ମହମ୍ମଦ ଇସଲାମ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ପୋଖରୀରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

ସୋର, ୨୯।୩(ଜନ୍ମେଜୟ ମିଶ୍ର): ସୋର ଥାନା ଦାଣ୍ଡ ହରିପୁର ଗ୍ରାମରେ ଗାଧୋଉଥିବା ବେଳେ ପୋଖରୀରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସୁଧାକର ମଲ୍ଲିକଙ୍କ ସାନ ଝିଅ ଆରତୀ ଲତା (୮) ଶନିବାର ମଧ୍ୟାହ୍ନରେ ଘର ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୂଜକ, ବ୍ୟବସାୟୀଙ୍କ ମୃତ୍ୟୁରେ ଗଣ୍ଡିବେଡ଼ ବଜାର ବନ୍ଦ

ଖଇରା, ୨୯।୩(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ପ୍ରସିଦ୍ଧ ଲଙ୍କେଶ୍ୱର ଶିବମନ୍ଦିର ପୂଜକ କ୍ଷେତ୍ରମୋହନ ଆଚାର୍ଯ୍ୟ(୮୩) ଓ ଗଣ୍ଡିବେଡ ବଜାର ପୁରୁଣା ବ୍ୟବସାୟୀ ଶଙ୍କର୍ଷଣ ଜେନାଙ୍କର ଅକାଳ ବିୟୋଗରେ ଶୁକ୍ରବାର ଏକ ସ୍ମୃତିସଭା ଆୟୋଜନ କରାଯାଇ ଗଣ୍ଡିବେଡ ବଜାର ବନ୍ଦ ରଖାଯାଇଥିଲା। ଲଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସ୍ମୃତିସଭାରେ ବଣିକ ସଂଘ ସମ୍ପାଦକ ଅଭିମନ୍ୟୁ ରାଉଳ ସଭାପତିତ୍ୱ କରିଥିଲେ। ନୀରବ ପ୍ରାର୍ଥନା ପରେ ପଦ୍ମଲୋଚନ ଜେନା, ମଧୁସୂଦନ ଜେନା, ରତ୍ନାକର ମହାନ୍ତିଙ୍କ ସମେତ ବ୍ୟବସାୟୀ ବନ୍ଧୁମାନେ ବକ୍ତବ୍ୟରେ ସ୍ମୃତିଚାରଣ କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ




ଦୁଇ ଅବସରପ୍ରାପ୍ତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା, ୨୯।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶିକ୍ଷକ ଭବନ ପରିସରରେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ମହେନ୍ଦ୍ର ପ୍ରସାଦ କବିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ର ମୁଖ୍ୟଅତିଥି, ଔପଦା ବ୍ଲକ ସମ୍ପାଦକ ନିରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଅବସର ପରେ ଆମର ଲୋଭ ବଢ଼ି ଯାଉଛି । ଅର୍ଥ ମୋହରେ ପରମାର୍ଥକୁ ଭୁଲିଯାଉଛୁ ବୋଲି ପ୍ରକାଶ କରିଥିଲେ । ସଂଘର ଜିଲା ସଭାପତି ଇଂ ବନମାଳୀ ନାୟକ, ସମ୍ପାଦକ ଦାମୋଦର ନାୟକ, ଉପଦେଷ୍ଟା ଅନ୍ତର୍ଯ୍ୟାମୀ ପାତ୍ର, ଚିନ୍ତାମଣି ସାହାଣି ଓ ସୁଦାମ ଚରଣ ରାଉତ, ସଦସ୍ୟ କମଳଲୋଚନ ଜେନା,ନାରାୟଣ ପେଡା ପ୍ରମୁଖ ସଙ୍ଗଠନ ବୃଦ୍ଧି ଉପରେ ଆଲୋଚନା କରିଥିଲେ। ସୁଦର୍ଶନ ପାଣିଗ୍ରାହୀ ଅତିଥି ପରିଚୟ, ଅରୁଣ କୁମାର ସ୍ୱାଇଁବିବରଣୀ ପାଠ ଓ ଶ୍ୟାମସୁନ୍ଦର ପଣ୍ଡା ବେଦପାଠ କରିଥିଲେ। ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ମୁକ୍ତିକାନ୍ତ ଶତପଥୀ ଓ ଅବସରପ୍ରାପ୍ତ କର୍ମନିଯୋଜନ ଅଧିକାରୀ ରାମକୃଷ୍ଣ ଦାସମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମନାଭ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳଗିରି ବାର୍ ଆସୋସିଏଶନରେ ଅମରେନ୍ଦ୍ର, ଉପଖଣ୍ଡରେ ଚିତ୍ତ ଷଡ଼ଙ୍ଗୀ ସଭାପତି

ନୀଳଗିରି, ୨୯।୩(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ଉପଖଣ୍ଡ ବାର ଆସୋସିଏସନ୍ ନିର୍ବାଚନରେ ସମସ୍ତ କାର୍ଯ୍ୟକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଗୌରହରି ବେହେରା ଓ ଯତୀନ୍ଦ୍ର ନାୟକ ଯୁଗ୍ମ ଭାବେ ଉପସଭାପତି ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଭାବରେ କିଶୋର କୁମାର ଦାସ, ସହସମ୍ପାଦକ ବିଘ୍ନେଶ୍ୱର ବାରିକ ଓ ସୁରେଶ ଚନ୍ଦ୍ର ବାରିକ ନିର୍ବାଚିତ ହୋଇଥିଲା ବେଳେ ଦେବାନନ୍ଦ ଦାସ କୋଷାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ଯ ଭାବରେ ଜୟନ୍ତ କୁମାର ସ, ପ୍ରଶାନ୍ତ କୁମାର ମଲ୍ଲିକ, ତନୟ ପାତ୍ର, ଶାନ୍ତିଲତା ମିଶ୍ର, ତନୁସ୍ମିତା ମଲ୍ଲିକ ସଂଘର ସଦସ୍ଯ ଭାବେ ମନୋନୀତ ହୋଇଛନ୍ତି।

ଅନୁରୂପ ଭାବେ ନୀଳଗିରି ବାର ଆସୋସିଏଶନ୍ କାର୍ଯ୍ୟକର୍ତ୍ତା ନିର୍ବାଚନରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ଗଦାଧର ପରିଡ଼ାଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ଉପସଭାପତି ପଦବୀରେ ରଞ୍ଜନ କୁମାର ପଣ୍ଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୋମନାଥ ନାୟକଙ୍କୁ ପରାସ୍ତ କରି ଦେବେନ୍ଦ୍ର ପଣ୍ଡା ସମ୍ପାଦକ ପଦବୀ ହାସଲ କରିଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଅନନ୍ତ ପ୍ରସାଦ ପଣ୍ଡା ଏବଂ କରୁଣାକର ସ୍ୱାଇଁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବରେ ଚିରଞ୍ଜିବୀ ପାଣିଗ୍ରାହୀ, ପ୍ରତିମା ମହାନ୍ତି, ନିବେଦିତା ଜେନା, ଶାନ୍ତନୁ କୁମାର ବିଶ୍ୱାଳ, ଶରତ କୁମାର ବେହେରା ପ୍ରମୁଖ ୫ଜଣ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

## ନିରଞ୍ଜନ ସଭାପତି, ସଞ୍ଜୀବ ସମ୍ପାଦକ

**ସୋର ବାର୍ ଆସୋସିଏଶନ ନିର୍ବାଚନ**

ସୋର, ୨୯।୩(ଜନ୍ମେଜୟ ମିଶ୍ର)

ଶନିବାର ସୋର ବାର୍ ଆସୋସିଏଶନର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ସଭାପତି ଭାବେ ନିରଞ୍ଜନ ଜେନା, ସମ୍ପାଦକ ଭାବେ ସଞ୍ଜୀବ କୁମାର ଦ୍ୱିବେଦୀ, ଉପସଭାପତି ଚନ୍ଦ୍ର ଶେଖର ମହାନ୍ତି, ସହ ସମ୍ପାଦକ ଦିଲୀପ କୁମାର ଦ୍ୱିବେଦୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଏନେଇ ସୋର ବାର୍ ଆସୋସିଏଶନର ନିର୍ବାଚନ ଅଧିକାରୀ ଅଧକ୍ଷ, ଓଡ଼ିଶା ରାଜ୍ୟ ବାର ପରିଷଦ, କଟକଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି।

## କୁଞ୍ଜବିହାରୀ ସଭାପତି, ବିଜନ ସମ୍ପାଦକ

**ଜଳେଶ୍ୱର ଓକିଲ ସଂଘ ନିର୍ବାଚନ**



ବିଜୟୀ ସଭାପତି, ସମ୍ପାଦକ ଓ ଅନ୍ୟମାନେ।

ଜଳେଶ୍ୱର, ୨୯।୩(ନବୀନ ସାହୁ)

ଜଳେଶ୍ୱର ବାର୍ ଆସୋସିଏଶନର ୯ଟି ପଦବୀ ପାଇଁ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ହେଉଥିବା ବେଳେ ୩ଟି ପଦବୀ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲା। ସଭାପତି ଭାବେ ବରିଷ୍ଠ ଓକିଲ କୁଞ୍ଜବିହାରୀ ଦାସ ଏବଂ ନିତ୍ୟଗୋପାଲ୍ ଦାସଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଏଥିରେ କୁଞ୍ଜବିହାରୀ ଦାସ ୧୦୧ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ସେହିପରି ସମ୍ପାଦକ ପାଇଁ ବିଜନ କୁମାର୍ ଦେ ଏବଂ ଅରୂପ କୁମାର ଜେନାଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଜନ କୁମାର ଦେ ୯୨ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ବାର୍‌ରେ ମୋଟ ଭୋଟର ସଂଖ୍ୟା ୧୬୦ ଥିବା ବେଳେ ଶନିବାର ୧୫୫ ଜଣ ମତଦାନ କରିଛନ୍ତି। ପୂର୍ବାହ୍ନ ୮ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଉପସଭାପତି ପଦବୀ ପାଇଁ ସୁଶାନ୍ତ କୁମାର ଦାସ ଏବଂ ସବିତାରାଣୀ ସାହୁଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ସେଥିରେ ସବିତାରାଣୀ ସାହୁ ୧୨୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଯୁଗ୍ମ ସମ୍ପାଦକ ଭାବେ ଜଗଦୀଶ ଚନ୍ଦ୍ର ପାଲ, କୋଷାଧ୍ୟକ୍ଷ ଭାବେ ଭବାନୀ ଭୂୟାଁ, ସହସମ୍ପାଦକ ଭାବେ କମଳଲୋଚନ ସେଠୀ, ଲାଇବ୍ରେରିଆନ୍ ଭାବେ ଅମରେନ୍ଦ୍ର ଦେ ଏବଂ ଏକ୍‌ଜିକ୍ୟୁଟିଭ୍ ମେମ୍ବର ଭାବେ ବିଶ୍ୱବିନୋଦ ଭଞ୍ଜ, ଲକ୍ଷ୍ମୀନାରାୟଣ ପ୍ରାମାଣିକ, ନିଗମ୍ କୁମାର୍ ବ୍ରହ୍ମା, ରାଜେଶ କୁମାର ପାତ୍ର, ରେଜିଆ ସୁଲତାନ ବେଗମ୍, ସନ୍ନ୍ୟାସୀ ଚରଣ ବେହେରା, ସିଦ୍ଧାର୍ଥଦାସ ବିଜୟୀ ହୋଇଥିଲେ।

## ପୂର୍ବାଞ୍ଚଳ ଡିଆଇଜି ପାଇବେ 'ଡିଜିପି ଚକ୍ର' ସମ୍ମାନ



ବାଲେଶ୍ୱର,୨୯।୩(ବାଞ୍ଛାନିଧି ଦେ): ଅସାଧାରଣ ନେତୃତ୍ୱ, ଉତ୍ସର୍ଗୀକୃତ ସେବା, ଆଇନ ଶୃଙ୍ଖଳା ରକ୍ଷା କରିବାରେ ପ୍ରତିବଦ୍ଧତା ପାଇଁ ପୂର୍ବାଞ୍ଚଳ ଡିଆଇଜି ଡା. ସତ୍ୟଜିତ ନାୟକ ୨୦୨୪-୨୫ ବର୍ଷ ପାଇଁ 'ଡିଜିପି ଚକ୍ର' ସମ୍ମାନରେ ସମ୍ମାନିତ ହେବେ। ଆସନ୍ତା ଏପ୍ରିଲ ୧ ତାରିଖ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟ ଆରକ୍ଷୀ ମହାନିରୀକ୍ଷକ ଏହି ସମ୍ମାନ ପ୍ରଦାନ କରିବେ।

ଡା. ନାୟକଙ୍କ ନେତୃତ୍ୱରେ ପୂର୍ବାଞ୍ଚଳ ଜୋନ୍ ଅନ୍ତର୍ଗତ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାରେ ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ରହିବା ସହ ଅପରାଧିକ କାର୍ଯ୍ୟକଳାପ ହ୍ରାସ ପାଇଛି। ଗୋଷ୍ଠୀ ବିବାଦ ଓ ବିଭିନ୍ନ ପ୍ରକାର ହିଂସା ପୂର୍ଣ୍ଣ ମାତ୍ରାରେ ହ୍ରାସ ପାଇଛି। ଯାହାଦ୍ୱାରା ପୋଲିସ ପ୍ରତି ଜନସାଧାରଣଙ୍କର ବିଶ୍ୱାସ ଓ ଭରସା ବୃଦ୍ଧି ପାଇଛି। ଡା. ନାୟକଙ୍କ ସେବା ମନୋଭାବ କାର୍ଯ୍ୟଧାରା ପାଇଁ ଓଡ଼ିଶା ପୋଲିସ ବିଭାଗ ପକ୍ଷରୁ ଏହି ସମ୍ମାନରେ ସମ୍ମାନିତ କରାଯିବା ପାଇଁ ଚୟନ କରାଯାଇଛି।

# କୃଷକ ତାଲିମ ଶିବିର

ଗୋପବନ୍ଧୁ ନଗର,୨୯।୩( ଶାନ୍ତନୁ କୁମାର ମଢୁଆଲ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ଅନ୍ତର୍ଗତ କୁଆମରା ପଞ୍ଚାୟତ ତଳ କଡ଼ଦା ଗ୍ରାମରେ କୃଷି ଓ କୃଷକ ଶଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଧାନ ପରବର୍ତ୍ତୀ ପତିତ ଜମିରେ ଲକ୍ଷ୍ୟ ଭିତ୍ତିକ ଡ଼ାଲି ଜାତୀୟ ଫସଲ ଚାଷର କୃଷକ ତାଲିମ ଶିବିର ଓ କୃଷକ କ୍ଷେତ୍ର ଦିବସ ପାଳନ ହୋଇଯାଇଛି। ଶତାଧିକ ଚାଷୀ ଯୋଗଦେଇଥିବା ବେଳେ ଶିବିରକୁ ଗୋଷ୍ଠୀ କୃଷି ଅଧିକାରୀ ତ୍ରିଲୋଚନ ରାଉତ ଉଦ୍‌ଘାଟନ କରିଥିଲେ। ଅଭିଭାଷରେ ସରକାରଙ୍କ ବିଭିନ୍ନ କୃଷି ଭିତ୍ତିକ ଯୋଜନାରେ ଅଣଧାନ ଫସଲ ଯଥା ମୁଗ, ବିରି, ମସୁର, ଖେସାରି




ଉପସ୍ଥିତ ଅତିଥିମାନେ।

ପ୍ରଭୃତି ଡ଼ାଲି ଜାତୀୟ ଫସଲ ଚାଷ କରି ଲାଭବାନ ହେବା ସହ ସରକାରଙ୍କ ଠାରୁ ସହାୟତା ରାଶି ପାଇ ପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଖୁଣ୍ଟା ବ୍ଲକ୍‌ର ସହକାରୀ କୃଷି ଅଧିକାରୀ ସିପୁନ କୁମାର ଜାମୁଡିହା ସମସ୍ତ ଚାଷୀ କିପରି ବର୍ଷସାରା ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଜଣେ ଭଲ କୃଷକ ହୋଇପାରିବେ ଦିଗଦର୍ଶନ ଦେଇଥିଲେ। କୃଷି ଅଧିଦର୍ଶକ ନୀଳକଣ୍ଠ ରଣଜିତ, ବ୍ଲକ କୃଷି ସଂଯୋଜକ ଶସ୍ୱନୀ କୁମାର ଦାସ ପରିଚାଳନା କରିଥିଲେ।

## ନିଶାମୁକ୍ତ ସମାଜ ଗଠନ ପାଇଁ ମହିଳା ଏକାଠି

ଆନନ୍ଦପୁର/ଘସିପୁରା,୨୯।୩(ସୁଶାନ୍ତ କୁମାର ସାହୁ/ ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ ଘସିପୁରା ବ୍ଲକ୍ ଅନ୍ତର୍ଗତ ଅଳତି ପଞ୍ଚାୟତ ସଭାଗୃହରେ ନିଶାମୁକ୍ତ ଗାଁ ଗଠନ ନେଇ ମିଶନଶକ୍ତି ମହିଳାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଳତିରେ ସାହି ବସ୍ତିରେ ଦୀର୍ଘ ଦିନ ଧରି ଅନେକ ଦୋକାନୀ ଚୋରା ମଦ, ଗଞ୍ଜେଇ ବ୍ୟବସାୟ କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପୋଲିସ ଜାଣି ମଧ୍ୟ ନିରବ ରହୁଥିବା ମହିଳା ଅଭିଯୋଗ କରୁଛନ୍ତି। ମହିଳାମାନେ ବୈଠକରେ କେନ୍ଦୁଝର ଏସ୍‌ପିଙ୍କୁ ଫୋନ ଯୋଗେ ଅଭିଯୋଗ ମଧ୍ୟ କରିଥିଲେ। ଖୁବ୍‌ଶୀଘ୍ର ବେଆଇନ ନିଶା କାରବାର କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ବିଭୂ ଚକ୍ରଙ୍କ ସଂଯୋଜନାରେ ବୈଠକରେ ମିଶନଶକ୍ତିର ମିନତି ସାହୁ, ରିନା ସାହୁ, ଦେବକୀ କାଣ୍ଡି, ସୁକାନ୍ତି ସାହୁ, ରଶ୍ମିତା ସାହୁ, ଜେମାମଣି ସାହୁ, ଦାମିନୀ ସାହୁ, ଆସାଲତା ସାହୁ, ରିଙ୍କି ନାୟକ, ସବିତା ମହାରଣା, ପୂର୍ଣ୍ଣିମା ସାହୁ, ପ୍ରମିଳା ନାୟକ, ମଞ୍ଜୁଲତା ମହାଳିକ, ଅମ୍ବିକା ଦାଶ, ଅଶାନ୍ତି ସାହୁ, ପାଞ୍ଚାଳୀ ଦାସ,ଶ୍ରୀମତୀ ମହାଳିକ, ସସ୍ମିତା ସାହୁ, ସୁମିତ୍ରା କାଣ୍ଡୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳା ଓଡ଼ିଶା ନିଶାନିବାରଣ ଅଭିଯାନରେ ନିଜକୁ ସାମିଲ କରିଥିଲେ।

# ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

**ଗ୍ରାଚ୍ୟୁଇଟି ଅର୍ଥ ଦେଉନି କମ୍ପାନୀ**

କେନ୍ଦୁଝର,୨୯।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ପଳାଶପଙ୍ଗାସ୍ଥିତ ଓଡ଼ିଶା ସ୍ପଞ୍ଜ ଆଇରନ କାରଖାନାରୁ ଅବସର ବା ଭିଆର୍‌ଏସ୍ ନେଇଥିବା ବହୁ କର୍ମଚାରୀ ଗ୍ରାଚ୍ୟୁଇଟି ପାଇନାହାନ୍ତି। କର୍ମଚାରୀମାନେ ବାରମ୍ବାର କମ୍ପାନୀ ନିକଟକୁ ଯାଇ ନିରାଶହେବା ପରେ ୧୩ ଜଣ କର୍ମଚାରୀ ଶ୍ରମ ଆୟୁକ୍ତଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟରେ ପେମେଣ୍ଟ ଅଫ୍ ଗ୍ରାଚ୍ୟୁଇଟି(ପିଜି) କେସ୍ (ନଂ. ୧/୨୦୨୧)ରେ ଏକ ମାମଲା ରୁଜୁ ହୋଇଥିଲା। ଶ୍ରମ ଆୟୁକ୍ତ କୋର୍ଟ ୨୪ ଜୁନ୍ ୨୦୨୪ ଆଦେଶରେ କର୍ମଚାରୀଙ୍କୁ ୩୦ଦିନ ମଧ୍ୟରେ ବକେୟା ଗ୍ରାଚ୍ୟୁଇଟି ଅର୍ଥ ପ୍ରଦାନ କରିବାକୁ ଆଦେଶ କରିଥିଲେ। କମ୍ପାନୀ ଅର୍ଥ ନ ଦେବାରୁ ଓପିଡିଆର୍ ଆକ୍ଟ ଅନୁଯାୟୀ ପଦକ୍ଷେପ ନେବାକୁ ଜିଲାପାଳ ସଦର ତହସିଲଦାରଙ୍କୁ ଚିଠି କରିଥିଲେ। କମ୍ପାନୀ ଅର୍ଥ ଜମା ନ କଲେ ଜିଲାପାଳ ସାର୍ଟିଫିକେଟ୍ କେସ୍ କରି କମ୍ପାନୀର ସମ୍ପତ୍ତି ବାଜ୍ୟାପ୍ତକରି କର୍ମଚାରୀଙ୍କ ବକେୟା ଅର୍ଥ ଜମା କରିବାକୁ ଆଦେଶ ହୋଇଛି।

ପ୍ରକାଶ ଯେ, ଓଡ଼ିଶା ସ୍ପଞ୍ଜ କାରଖାନାର କର୍ମଚାରୀ ଚନ୍ଦ୍ରଶେଖର ଜେନା ୧୮ ମାର୍ଚ୍ଚ ୨୦୧୮ରେ ଅବସର ନେଇଥିଲେ। ଅବସର ପରେ ଗ୍ରାଚ୍ୟୁଇଟି ବାବଦ ପ୍ରାପ୍ୟ ୩୦ ଦିନ ମଧ୍ୟରେ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାର ନିୟମ ରହିଛି। ମାତ୍ର କମ୍ପାନୀ ଅର୍ଥ ଜମା ନ କରି ସମୟ ଗଡ଼ାଇ ଚାଲିଥିଲା। ଚନ୍ଦ୍ରଶେଖର ବାଧ୍ୟ ହୋଇ ଶ୍ରମ ଆୟୁକ୍ତଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ୨୮ ଜୁନ୍ ୨୦୨୪ରେ କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଥିଲେ। ସୁଧ ସହ ଗ୍ରାଚ୍ୟୁଇଟି ବାବଦକୁ ୪ ଲକ୍ଷ ୪୫ ହଜାର ୧୬୮ ଟଙ୍କା ଅର୍ଥ ଜମା କରିବାକୁ କୋର୍ଟ କହିଥିଲେ। କମ୍ପାନୀ ଅର୍ଥ ପଇଠ ନ କରିବାକୁ ଜିଲା ପ୍ରଶାସନକୁ ଚିଠି କରି ସମ୍ପତ୍ତି ବାଜ୍ୟାପ୍ତି କରି ଅର୍ଥ ଭରଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲ ପକ୍ଷରୁ ପ୍ରଥମ ନୋଟିସ କରାଯାଇଛି। ଆଉ ୨ ନୋଟିସ ପରେ କମ୍ପାନୀ ଖିଲାପକଲେ ସମ୍ପତ୍ତି ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି କେନ୍ଦୁଝର ତହସିଲଦାର ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

## ଦୋଷୀକୁ ୨୦ବର୍ଷ କାରାଦଣ୍ଡ

**ନାବାଳିକାଙ୍କୁ ବଳାତ୍କାର ମାମଲା**

ବାରିପଦା,୨୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ଅଧୀନ ପୋକ୍‌ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସତ୍ୟନାରାୟଣ ନାୟକ ବିଚାର କରି ଅଭିଯୁକ୍ତ ମୋରଡ଼ା ଥାନା କାନ୍ଦଣା ଗ୍ରାମର କିରଣ କୁମାର ସି(୨୫)ଙ୍କୁ ଦୋଷୀ ସାବ୍ୟସ୍ତକରି ୨୦ବର୍ଷ କାରାଦଣ୍ଡାରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୯ଏପ୍ରିଲ ୨୦୨୪ରେ ଗ୍ରାମରେ ଚାଲିଥିବା ଶୀତଳା ପୂଜା ଅବସରରେ ଅଭିଯୁକ୍ତ ନାବାଳିକାଙ୍କୁ ଟେକିନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ନ ଜଣାଇବା ପାଇଁ ଧମକ ଦେଇଥିଲେ। ନାବାଳିକା ଜଣକ ନିଜ ପିଉସୀ ଘରକୁ ଯାଇ ରହିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ପରିବାର ଲୋକେ ନାବାଳିକା ଜଣକ ଅନ୍ତଃସତ୍ତ୍ୱା ଥିବା ଜାଣିବା ପରେ ୪ ମେ ୨୦୨୪ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୩୬/୨୪) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପୋଲିସ ପକ୍ଷରୁ ୨ ଜୁଲାଇ ୨୦୨୪ରେ ଚାର୍ଜଶିଟ ଦାଖଲ କରିବାର ୯ ମାସ ମଧ୍ୟରେ ମାମଲାର ବିଚାରହୋଇ ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ପିପି ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ଆନୁଷଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନକଲା କେନ୍ଦ୍ରୀୟ ଦଳ

**କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପ୍ରସଙ୍ଗ**

ଚମ୍ପୁଆ,୨୯।୩ (ମହେଶ୍ୱର ଦାସ)

ଦୀର୍ଘ ଦିନ ଧରି ଚମ୍ପୁଆବାସୀଙ୍କ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ଦାବିର ଆସା ଉଜ୍ଜିବିତ ହେବାରେ ଲାଗିଛି। ରାମଲାଠାରେ ସ୍ଥାନ ନିରୂପଣ ଶେଷ ହୋଇଯାଇଥିଲେ ବି ପ୍ରାଥମିକ ସ୍ତରରେ ଏହା ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଅସ୍ଥାୟୀ ଭାବରେ ବିଦ୍ୟାଳୟ ପରିଚାଳନା ହେବ ବୋଲି ଜଣାଯାଇଛି। ପୂର୍ବରୁ ଏହି ବିଦ୍ୟାଳୟ କାର୍ଯ୍ୟକ୍ଷମ ପାଇଁ ମହାବିଦ୍ୟାଳୟ ପକ୍ଷରୁ ଗୃହ ଓ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ଏ ନେଇ ବାରମ୍ବାର କେନ୍ଦ୍ରୀୟ ବିଦ୍ୟାଳୟ ଦଳ ପ୍ରସ୍ତାବିତ କେନ୍ଦ୍ର ବିଦ୍ୟାଳୟ ସ୍ଥାନ ନିରୂପଣ କ୍ଷେତ୍ରକୁ ପରିଦର୍ଶନ କରି ଆସୁଥିଲେ। ଶନିବାର କେନ୍ଦ୍ରୀୟ ବିଦ୍ୟାଳୟ ଦଳର ୨ ଜଣ ସଦସ୍ୟ ସୁଶାନ୍ତ ସାହୁ ଓ ଦୁଷ୍ମନ୍ତ ସାହୁ ସ୍ଥାନୀୟ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ସହକାରୀ ଜିଲାପାଳ ଫୁଲରାଇ ବେସ୍ରା, ମହାବିଦ୍ୟାଳୟର ପ୍ରଧାପକ ସ୍ୱାଧୀନ ସିଂ, ଅଧାପକ ରାଜକିଶୋର ମହାନ୍ତଙ୍କ ଉପସ୍ଥିତିରେ ମହାବିଦ୍ୟାଳୟଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଦିଆଯାଇଥିବା ଶ୍ରେଣୀ ଗୃହ, କାର୍ଯ୍ୟାଳୟ ଗୃହ, ଶୌଚାଳୟ ଆଦି ଅନୁଧ୍ୟାନ କରିବା ସହିତ ଛାତ୍ରୀଛାତ୍ରଙ୍କ ପ୍ରାର୍ଥନା ପାଇଁ ଆବଶ୍ୟକ ପେଣ୍ଡାଲ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଏପରିକି କେନ୍ଦ୍ରୀୟ ବିଦ୍ୟାଳୟ ସୂଚନା ଫଳକ ଲଗାଇବା ଓ ଗାଡ଼ି ପାର୍କିଂ ନିମନ୍ତେ ସ୍ଥାନ ବୁଲି ଦେଖିଥିଲେ।

